

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୯ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 October 2024
Vol.No. 35 ■ No.287 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଯୁଦ୍ଧ ବିମାନ ଉତ୍ପାଦନ ପ୍ଲାଣ୍ଟ ଉଦ୍‌ଘାଟନ କଲେ ଭାରତ ଓ ସ୍ପେନ୍ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୮/୧୦ : ଗୁଜରାଟର ଭଦୋଦରାରେ ଉଦଘାଟିତ ହୋଇଛି ଯୁଦ୍ଧ ବିମାନ ଉତ୍ପାଦନ ପ୍ଲାଣ୍ଟ। ସ୍ପେନ୍ ଏୟାରବେସର ସହଯୋଗରେ ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସରେ ଏହି ପ୍ଲାଣ୍ଟ ଉଦଘାଟିତ ହୋଇଛି। ପ୍ରାଧନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ ଆଜି ଏହି ଏୟାରକ୍ରାଫ୍ଟ ପ୍ଲାଣ୍ଟର ଉଦଘାଟନ କରିଛନ୍ତି। ଭଦୋଦରାରେ ଥିବା ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସରେ ସ୍ପେନର ଏୟାରବସ୍ ସହଯୋଗରେ ସି-୨୯୫ ଯୁଦ୍ଧ ବିମାନ ନିର୍ମାଣ କରାଯିବ। ୨୦୨୬ ସୁଦ୍ଧା ଏଠାରେ ୪୦ଟି ଉ-୨୯୫ ବିମାନ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତର ପ୍ରତିରକ୍ଷା କ୍ଷମତାକୁ ଦୃଢ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଆଜି ଭଦୋଦରାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧିତ କରି କହିଛନ୍ତି, 'ବିମାନ ଉତ୍ପାଦନ କ୍ଷମତା ଭାରତ-ସ୍ପେନ ସମ୍ପର୍କକୁ ମଜବୁତ କରିବ। ଆଜିଠାରୁ ଆମେ ଭାରତ ଏବଂ ସ୍ପେନର ସହଭାଗିତାକୁ ଏକ ନୂତନ ଦିଗ ଦେଉଛୁ। ଉ-୨୯୫ ବିମାନର ଉତ୍ପାଦନ କାରଖାନା ଉଦଘାଟନ ହୋଇଛି। ଏହି କାରଖାନା ଭାରତ-ସ୍ପେନ୍ ସମ୍ପର୍କକୁ ମଜବୁତ କରିବା ସହ 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ମିଶନକୁ ସହଯୋଗ କରିବ।' ସେହିପରି ସଞ୍ଚେଜ କହିଛନ୍ତି, 'ଏହି ବିମାନ ସ୍ପେନ ଏବଂ ୟୁରୋପୀୟ ଏରୋନେଟିକାଲ ଇଣ୍ଡଷ୍ଟ୍ରିର ପ୍ରତୀକ। ଏହା ଭାରତର ପ୍ରତିରକ୍ଷା କ୍ଷମତାକୁ ଆଧୁନିକୀକରଣ କରିବାରେ ସହଯୋଗ କରିବା ସହିତ ବୈଷୟିକ କ୍ଷେତ୍ରର ବିକାଶ ମଧ୍ୟ କରିବ। ବିଶେଷ କରି ଗୁଜରାଟ ବାସିନ୍ଦାଙ୍କ ପାଇଁ ଏହା ଲାଭବାନ ହେବ। ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଚାକିରି ସୃଷ୍ଟି ହେବ । ନୂତନ ପିଢିର ଉଚ୍ଚମାନର ଇଞ୍ଜିନିୟର୍ ଏବଂ




ଟେକ୍ନିସିଆନମାନେ ମଧ୍ୟ ତାଲିମ ନେବାର ସୁଯୋଗ ପାଇବେ।' ଏହି ଏୟାରକ୍ରାଫ୍ଟ କମ୍ପ୍ଲେକ୍ସର ଉଦଘାଟନ ପୂର୍ବରୁ ଦୁଇ ରାଷ୍ଟ୍ରର ନେତା ଭଦୋଦରାରେ ରୋଡ୍ ଶୋ କରିଥିଲେ। ଏକ ଖୋଲା ଜିପରେ ଗୁଜରାଟ ବିମାନବନ୍ଦରରୁ ଟାଟା ଆଡଭାନ୍ସ ସିଷ୍ଟମ୍ ଲିମିଟେଡ୍ କ୍ୟାମ୍ପସ୍ ପର୍ଯ୍ୟନ୍ତ ରୋଡ୍ ଶୋ କରି ଜନତାଙ୍କୁ ଅଭିବାଦନ ଜଣାଇଥିଲେ। ସ୍ପେନ ଫେରିବା ପୂର୍ବରୁ ସଞ୍ଚେଜ ଆସନ୍ତାକାଲି ମୁମ୍ବାଇ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଉଭୟ ଐତିହାସିକ ଲକ୍ଷ୍ମୀ ବିଳାସ ପ୍ୟାଲେସ ପରିଦର୍ଶନ କରିବେ। ଏଠାରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିବେ।

## ଆଜିଠୁ ସାରା ଭାରତରେ ଲାଗୁ ହେବ ଆୟୁଷ୍ମାନ ଭାରତ ୭୦ ପ୍ଲସ




ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଆସନ୍ତାକାଲିଠାରୁ ସାରା ଦେଶରେ ଆରମ୍ଭ ହେବ ଆୟୁଷ୍ମାନ ଭାରତ ପାର୍ଟ-୨। ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ମିଳିବ ସ୍ୱାସ୍ଥ୍ୟ ବୀମା। କିନ୍ତୁ ଓଡ଼ିଶାରେ ଯୋଜନା କାର୍ଯ୍ୟକାରୀରେ ହେବ ସାମାନ୍ୟ ବିଳମ୍ବ। କାହିଁକି ନା ଏଯାଏଁ ରାଜ୍ୟରେ ଆୟୁଷ୍ମାନ ଭାରତ ପାଇଁ ମୋଡାଲିଟି ସ୍ଥିର ହୋଇନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଆସନ୍ତାକାଲି ଆୟୁଷ୍ମାନ ଭାରତ ପାର୍ଟ-୨ ଲଂଚ୍ ହେବା ପରେ ଓଡ଼ିଶା ଏହାକୁ କେବଳ ନୀତିଗତ ଭାବେ ଗ୍ରହଣ କରିବ। କିନ୍ତୁ ଚଳିତ ଆର୍ଥିକ ବର୍ଷ ଶେଷ ଆଡକୁ ଯୋଜନା ଲାଗୁ ହୋଇପାରେ। ଏଥିପାଇଁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଖୁବଶୀଘ୍ର ମୋଡାଲିଟି ପ୍ରସ୍ତୁତ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ସରିଛି। କେନ୍ଦ୍ର ସରକାରଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ଉଭୟ ଆୟୁଷ୍ମାନ ଭାରତ ଏବଂ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଆରୋଗ୍ୟ ଯୋଜନା ପାଇଁ ଗୋଟିଏ କାର୍ଡ ରହିବ। ପ୍ରାୟ ୧ କୋଟି ପରିବାର ଏହି ନୂଆ କାର୍ଡ ପାଇବେ ଏବଂ ଏହାଦ୍ୱାରା ସାଢେ ୩ କୋଟି ଲୋକ ଉପକୃତ ହେବେ। ଆଗରୁ ବିଏସକେୱାଇ କାର୍ଡରେ ମାତ୍ର ୯୫୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଥିଲା, କିନ୍ତୁ ନୂଆ କାର୍ଡରେ ସାରା ଦେଶର ୨୭ ହଜାର ହସ୍ପିଟାଲରେ ସ୍ୱାସ୍ଥ୍ୟ ବୀମା ପାଇ ପାରିବେ। ଏପଟେ ଯଥାଶୀଘ୍ର ଝଂଚ ଆଣି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ପାଇଁ ଦାବି କରିଛନ୍ତି ବରିଷ୍ଠ ନାଗରିକ। ଉମରକୋଟ ଗୁଲିପାଟଣାର ▶▶ପୃଷ୍ଠା ୭

## ଆଜି 'ଧନତେରାସ୍': ହୁ ହୁ ସୁନାଦର ଦେଖି ଗ୍ରାହକଙ୍କ ମନ ଉଣା



ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଧନତେରସ୍ ପାଇଁ ସୁନା ଦୋକାନ ଆଗରେ ବଡ଼ ବଡ଼ ହୋର୍ଡିଂ। ନୂଆ ନୂଆ ଡିଜାଇନର ଗହଣା ସାଂଗକୁ ମନଲୋଭା ଅଫର୍ ବି ରହିଛି। ହେଲେ ଗ୍ରାହକ ନାଖୁସ୍। କାରଣ ବର୍ଷକ ଭିତରେ ୧୭ ହଜାର ଟଙ୍କା ମହଙ୍ଗା ହୋଇଛି ସୁନା ଦର। ଗତବର୍ଷ ଧନତେରସ ବେଳେ ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦାମ ୧୦ ଗ୍ରାମ ପିଛା ୫୬ ହଜାର ଟଙ୍କା ଥିଲା। ହେଲେ ଆଜି ତାହା ୭୩ ହଜାର ୧୫୦ ଟଙ୍କାରେ ବିକ୍ରି ହେଉଛି। ୨୪ କ୍ୟାରେଟ୍ ବା ଖାଣ୍ଟି ସୁନା ଦାମ ୮୦ ହଜାର ମୁହେଁଇଲାଣି । ଦର ପହଞ୍ଚିଛି ୭୯ ହଜାର ୮୦୦ ଟଙ୍କାରେ। ▶▶ପୃଷ୍ଠା ୭

## 'ମୋ' କଥାକୁ ହେୟଜ୍ଞାନ କରନ୍ତୁ ନାହିଁ: ଏବେ ଟ୍ରେଲର ଚାଲିଛି, ଫିଲ୍ମ ବାକି ଅଛି'

ଭୁବନେଶ୍ୱର, ୨୮/୧୦ (ନି.ପ୍ର): 'ରାଜ୍ୟରେ ବିଜେପି ସରକାର ଆସିବାରେ ୧୪୦ ଦିନ ହୋଇଛି । ବହୁ ଦୁର୍ନୀତିଖୋର ଅଧିକାରୀ ବନ୍ଧା ହେଲେଣି ଓ ଯେଉଁମାନେ ବନ୍ଧା ହୋଇ ନାହାନ୍ତି ସେମାନଙ୍କ ଛାତିରେ ଛନକା ପଶି ଗଲାଣି। ଏ ସରକାର କେତେବେଳେ ବି ସେମାନଙ୍କୁ ବାନ୍ଧିପାରେ। ଏବେ ଯାହା ଚାଲିଛି ତାହା କେବଳ ଟ୍ରେଲର, ଆଗକୁ ବହୁତ କିଛି ବାକି ଅଛି।' ଆଜି ଏପରି କହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ସରକାରଙ୍କୁ ସିଧା ନିଶାନା କରିଥିବା ବେଳେ ଦୁର୍ନୀତିଖୋର ଅଧିକାରୀଙ୍କୁ ବି ଚେତାଇ ଦେଇଛନ୍ତି। ଏଥିସହ ତାଙ୍କ କଥାକୁ ହେୟଜ୍ଞାନ ନ କରି ପୂରା ଫିଲ୍ମ ଶେଷ ଯାଏ ଅପେକ୍ଷା



କରିବାକୁ ବି କହିଛନ୍ତି ମୁଖ୍ୟମନ୍ତ୍ରୀ। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ରାଜ୍ୟବାସୀଙ୍କୁ ସମ୍ବୋଧନ କରି ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେଉଥିବା ବେଳେ ସରକାରୀ ଅଧିକାରୀଙ୍କୁ ଶପଥ ପାଠ କରାଇଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅବସରରେ ନିଜ ଅଭିଭାଷଣରେ ସେ କହିଛନ୍ତି, ଗତ ସରକାର ସମୟରେ ନିମ୍ନମାନର ଭିତ୍ତିଭୂମି ନିର୍ମାଣ ହେଉଥିଲା। କେଉଁଠି ଗୋଟିଏ ବର୍ଷା ହେଲେ ରାସ୍ତା ଧୋଇ ହୋଇ ଯାଉଥିଲା ତ କେଉଁଠି ୫ଟି ସ୍କୁଲର ଚୁନ ବାହାରି ଯାଉଥିଲା। ଏହି ଦୁର୍ନୀତି ଟଙ୍କା କାହା ପାଖକୁ ଯାଉଥିଲା, କିଏ ନିର୍ବାଚନ ଲଢୁଥିଲା ତାହା ସମସ୍ତେ ଜାଣିଛନ୍ତି। ନୂଆ ସରକାର ଆସିବା ପରେ ୬ ମୁଖ୍ୟ ଯନ୍ତ୍ରୀଙ୍କୁ ବାନ୍ଧିଛି ଭିଜିଲାନ୍ସ। ଏହି ମହାନୁଭବ ବ୍ୟକ୍ତିଙ୍କ ନିକଟରୁ ୨୩୩ଟି ପ୍ଲଟ, ୩୨ କୋଠା, ପ୍ରାୟ ୬ କେଜି ସୁନା ଜବତ ହୋଇଛି। ୧୦ କୋଟି ବ୍ୟାଙ୍କ ଡିପୋଜିଟ୍ ଓ ୨୧ ଲକ୍ଷ ନଗଦ ଟଙ୍କା ଜବତ ହୋଇଛି । ଅନେକ ବଡ଼ବଡ଼ ଅଧିକାରୀ ଗିରଫ ହୋଇ ଜେଲ୍ ?ରେ ଅଛନ୍ତି। ଏସବୁ ସାଧାରଣ ଲୋକଙ୍କ ଟଙ୍କା, ଯାହା ଏମାନଙ୍କ ପାଖରେ ଥିଲା। ଖାଲି ଏମାନେ ନୁହଁନ୍ତି ଯିଏ ଯିଏ ଦୁର୍ନୀତିରେ ସଂପୃକ୍ତ ▶▶ପୃଷ୍ଠା ୭

## ସେନା ଗାଡ଼ିକୁ ଗୁଳିମାଡ଼ର ଜବାବ ଦେଲେ ଯବାନ: ୩ ଆତଙ୍କୀ ସଫା

ନୂଆଦିଲ୍ଲୀ, ୨୮/୧୦ : ଜମ୍ମୁ-କଶ୍ମୀର ଅଖୁନରରେ ସେନା ଗାଡ଼ିକୁ ଆକ୍ରମଣର ଜବାବ ଦେଇଛି ଭାରତୀୟ ସେନା। ୩ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଆଜି ସକାଳେ ସେନା ଗାଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିଥିଲେ, ଯାହାର ଜବାବ ଦେଇଛନ୍ତି ଯବାନ। ସୂଚନା ଅନୁସାରେ, ଆଜି ସକାଳେ ଯବାନମାନେ ଏକ ଗାଡ଼ିରେ ଯାଉଥିଲେ। ଜମ୍ମୁ-କଶ୍ମୀର ଅଖନୁର ସେକ୍ଟରର ବାଟା ଅଞ୍ଚଳରେ ସକାଳ ପ୍ରାୟ ୭ଟା ସମୟରେ ସେନା ଗାଡ଼ି ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ ଆତଙ୍କବାଦୀ। ସୌଭାଗ୍ୟବଶତଃ ଏଥିରେ କୌଣସି ଯବାନଙ୍କର ପ୍ରାଣହାନୀ ହୋଇନଥିଲା। କିନ୍ତୁ ଆକ୍ରମଣ ପରେ ସୁରକ୍ଷା ▶▶ପୃଷ୍ଠା ୭

## ମଠ ମନ୍ଦିର ପାଇଁ 'ଦେବାଳୟ ଯୋଜନା' ଖୁବଶୀଘ୍ର : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ରାଜ୍ୟରେ ମଠ-ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ, ସୁରକ୍ଷା ଓ ପରିଚାଳନା ପାଇଁ ଖୁବଶୀଘ୍ର ମୋହନ ମାଝୀଙ୍କ ସରକାର ଏକ ନୂଆ ଯୋଜନା ଆଣିବେ । ଏହି ଯୋଜନାର ନାଁ 'ଦେବାଳୟ ଯୋଜନା' ରଖାଯାଇଛି । ସାଂସ୍କୃତିକ ଓ ଧାର୍ମିକ ଗୁରୁତ୍ୱ ବହନ କରୁଥିବା ମଠ-ମନ୍ଦିରର ସାମଗ୍ରିକ ବିକାଶ ଓ ସୁରକ୍ଷା ଦିଗରେ ଏହି ଯୋଜନା କାର୍ଯ୍ୟ କରିବ । ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ଥିବା ମଠମନ୍ଦିର ଗୁଡ଼ିକର ସୁରକ୍ଷା, ରକ୍ଷଣାବେକ୍ଷଣ ଓ ପରିଚାଳନା ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଏକ ନୂଆ ଯୋଜନା ଆଣିବାକୁ ଯାଉଛନ୍ତି । ମନ୍ଦିର ଓ ମଠର ପରିଚାଳନା ଦୃଷ୍ଟିକୋଣରୁ ଯେଉଁସବୁ ସମସ୍ୟା ଓ ସହାୟତା କଥା ଆସୁଛି ସେଦିଗରେ ଗଭୀର ଭାବେ ଚିନ୍ତା କରାଯାଉଛି। ▶▶ପୃଷ୍ଠା ୭

## ଖୁବ୍ ଶୀଘ୍ର ମିଳିବ 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା



ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଖୁବ୍ ଶୀଘ୍ର ମିଳିବ 'ସୁଭଦ୍ରା'ର ତୃତରୟ ପର୍ଯ୍ୟାୟ ପ୍ରଥମ କିସ୍ତିର ଟଙ୍କା। ଏହି ପର୍ଯ୍ୟାୟରେ ବାକି ଥିବା ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଟଙ୍କା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଆଜି ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ଗତ ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ଦିନ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନେକ ହିତାଧିକାରୀଙ୍କୁ ଗତ ୯ ତାରିଖରେ ମିଳିଥିଲା ପ୍ରଥମ କିସ୍ତି ଟଙ୍କା। ଉକ୍ତ ଦିନ ୩୫ ଲକ୍ଷରୁ ଅଧିକ ହିତାଧିକାରୀ ଏହି ଟଙ୍କା ପାଇଥିଲେ। ପ୍ରଥମ ଦୁଇ ପର୍ଯ୍ୟାୟରେ ଏଯାବତ ପ୍ରାୟ ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି। ରାଜ୍ୟ ସରକାର କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ଟଙ୍କା ଦେବାକୁ ଲକ୍ଷ୍ୟ ରଖିଥିବା ଜଣାଯାଇଛି। ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବା ନିମନ୍ତେ ଘୋଷଣା କରାଯାଇଥିବାରୁ ତା' ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଏହି ପର୍ଯ୍ୟାୟରେ ▶▶ପୃଷ୍ଠା ୭

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ଦାନା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୮/୧୦ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡିଶା ସରକାର ଶ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଆଜି ବାଲେଶ୍ୱରସ୍ଥିତ ଡିଆରଡିଓ ସମ୍ମିଳନୀ କକ୍ଷଠାରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ବାତ୍ୟା 'ଦାନା' ଏବଂ ତତ୍ଜନିତ ବନ୍ୟା କ୍ଷୟକ୍ଷତିର ଆକଳନ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ବୈଠକ ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ମନ୍ତ୍ରୀ ଆକାଶମାର୍ଗରୁ ସଦର, ସିମୁଳିଆ, ସୋର, ଖଇରା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ଅନୁଧ୍ୟାନ କରିଥିଲେ। ବୈଠକ ପ୍ରାରମ୍ଭରେ ଉପସ୍ଥିତ ଥିବା ସମସ୍ତ ବିଧାୟକ ବୃନ୍ଦ ନିଜ ନିଜ ନିର୍ବାଚନୀ ମଣ୍ଡଳୀରେ ବାତ୍ୟା ଓ ବନ୍ୟା ସମ୍ବନ୍ଧୀୟ ପୁନରୁଦ୍ଧାର ଓ ଜାରି ରହିଥିବା କାର୍ଯ୍ୟକଳାପ




ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାତ୍ୟାର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଏବଂ ରାଜନୈତିକ ନେତୃତ୍ୱର ପ୍ରୟାସକୁ ପ୍ରଶଂସା କରିଥିଲେ ଓ ଏଥି ସହିତ ପ୍ରଶାସନ ଏବଂ ରାଜନୈତିକ ନେତୃତ୍ୱର ମିଳିତ ଆଭିମୁଖ୍ୟ ସହିତ ବାରମ୍ବାର ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ଓ ଆଗାମୀ ଦିନରେ ଉପକୂଳବର୍ତ୍ତୀ ଅଞ୍ଚଳରେ ବାତ୍ୟା କ୍ଷୟକ୍ଷତିକୁ ରୋକିବା ପାଇଁ ବ୍ୟାପକ ହେନ୍ତାଳ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମାଝୀ କହିଥିଲେ ଓ ପ୍ରାକୃତିକ ଏବଂ ମାନବୀୟ ବିପର୍ଯ୍ୟୟର ମୁକାବିଲା ପାଇଁ ଉପସ୍ଥିତ ସମସ୍ତଙ୍କୁ ସର୍ବଦା ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ । ଘର ଭଙ୍ଗା କ୍ଷୟକ୍ଷତି ରିପୋର୍ଟ ଯଥାଶୀଘ୍ର ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଯେଉଁ ଅଞ୍ଚଳରେ ବିଜୁଳି ସଂଯୋଗ ହୋଇପାରୁନାହିଁ, ସେଠାରେ ଦ୍ରୁତ ଗତିରେ ବିଜୁଳି ସଂଯୋଗ ସୁନିଶ୍ଚିତ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଜୀବନ ମୂଲ୍ୟବାନ ହୋଇଥିବାରୁ ପ୍ରଭାବିତ ଲୋକଙ୍କ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପଦକ୍ଷେପ ଅତ୍ୟନ୍ତ ସତର୍କତାର ▶▶ପୃଷ୍ଠା ୭

CMYK

# ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି ଭବାନୀପାଟଣା ବ୍ଲକ ଗୁର୍ଜୁଙ୍ଗ ଗ୍ରାମର ରାମ ଭୁଜନ ହରିଜନଙ୍କ ପରିବାର

ଭବାନୀପାଟଣା, ୨୮/୧୦ (ନି.ପ୍ର): ଜୀବନ ଜଞ୍ଜାଳରେ ପରିସ୍ଥିତିକୁ ମୁକାବିଲା କରିବା ସମସ୍ତଙ୍କ ପକ୍ଷେ ସମାନ ନୁହେଁ। ଗ୍ରାମ ଗୁର୍ଜୁଙ୍ଗ, ଜିଲ୍ଲା ସଦର ମହକୁମା ଭବାନୀପାଟଣା ବ୍ଲକ ର ରାମ ଭୁଜନ ହରିଜନଙ୍କ ପରିବାରର ପ୍ରାୟ ୮ଜଣ ସଦସ୍ୟ ଭଙ୍ଗା ଦଦରା ଘରେ କଳା ପଲିଥିନ ଜରିକୁ ଢାଙ୍କି ଜୀବନ ବିତାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଗଣ ପ୍ରତିନିଧିଙ୍କୁ ତାଙ୍କର ସଂଗ୍ରାମ ଜୀବନ ଜଞ୍ଜାଳ କଥାରୁ କୁହନ୍ତେ ଯେ, ଅନେକ ଦିନ ମାସ ବର୍ଷ ତଳେ ଘର ସମ୍ପୂର୍ଣ ଭାଙ୍ଗି ଯାଇଥିଲା, ସ୍ଥାନୀୟ ଜନ ପ୍ରତିନିଧି, ନିକଟସ୍ଥ ରାଜସ୍ୱ ନିରୀକ୍ଷକ, ତହସିଲଦାରଙ୍କୁ, ବିଡିଓଙ୍କୁ ମଧ୍ୟ ଦୁଃଖ ଜଣାଇଥିଲେ, ହେଲେ ରାଜସ୍ୱ ନିରୀକ୍ଷକ କେବଳ କଳା ପଲିଥିନ ଖଣ୍ଡେ ଭଙ୍ଗା ଘରକୁ ଘୋଡ଼ାଇ ଦେଇ ପରିବାର ରୁହନ୍ତୁ ବୋଲି ଆଶ୍ୱାସନା ଦେଇଥିଲେ, ହେଲେ ବର୍ଷା ଓ ଖରା ଦିନରେ ରହିବା, ଚଳିବା କଷ୍ଟ ଦେଖିବା ଲୋକ ହିଁ ଜାଣୁଥିବେ। ପରିବାରରେ ବୋହୁ ପୁଅ ପିଲା ଛୁଆ ଧରି ଜଞ୍ଜାଳ ଜୀବନକୁ ବିତାଇବାକୁ ପଡୁଥିବା ଜଣାଯାଏ। ରାମ ଭୁଜନ ହରିଜନ ଭାଇଙ୍କ ଘରେ କେତେ ବେଳେ ଆଶ୍ରୟ ନେଇ କଷ୍ଟେ ମଷ୍ଟେ ଚଳୁଛନ୍ତି। ସରକାରୀ ଯୋଜନାରେ ଘରଟିଏ ପାଇଁ ଅନେକ ବାର ପ୍ରଶାସନ, ପଂଚାୟତ କାର୍ଯ୍ୟାଳୟଙ୍କୁ ଜଣାଇ ନିରାଶ ହେବାକୁ ପଡିଛି, ଏହି ଭଙ୍ଗା ଦଦରା ଘରେ ଜରି ଘୋଡାଇ ଥିବା ଘରେ ଆଉ କେତେ ଦିନ ଏହି ପରିବାର ରହିବେ ସାଧାରଣରେ ଚର୍ଚ୍ଚା ହେଉଛି। ସରକାର ଏହି ପରିବାରକୁ ସରକାରୀ ଘର ଯୋଗାଇ ଦେବାକୁ ସାଧାରଣରେ ଓ ନିଜେ ରାମ ଭୁଜନ ହରିଜନ ଅନୁରୋଧ କରିଛନ୍ତି। ସରକାର କେବେ ଅନୁରୋଧ ରକ୍ଷା କରିବେ ଦେଖିବାର କଥା।

# ବିପନ୍ନଙ୍କ ସ୍ଥିତି ବୁଝିଲେ ବିଧାୟକ

କେନ୍ଦ୍ରାପଡ଼ା, ୨୮/୧୦ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମ ପଂଚାୟତରେ ବାତ୍ୟା ବିପନ୍ନଙ୍କ ସ୍ଥିତି କିପରି ରହିଛି ତାହା ବିଧାୟକ ଗଣେଶ୍ୱର ବେହେରା ରବିବାର ପଚାରି ବୁଝିଛନ୍ତି। ବାତ୍ୟା ସମୟରେ ପ୍ରଶାସନ ପକ୍ଷରୁ ଠିକ ଭାବେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ମିଳିଥିଲା କି ନାହିଁ, ବାତ୍ୟା ଆଶ୍ରୟସ୍ଥଳରେ ସର୍ବନିମ୍ନ ସୁବିଧା ଥିଲା କି ନାହିଁ, ମହିଳାମାନେ ସ୍ୱାଭାବିକ ଭାବେ ଆଶ୍ରୟ ସ୍ଥଳରେ ଥିଲେ ନା ସେମାନଙ୍କର କିଛି ଅସୁବିଧା ହୋଇଥିଲା ତାହା ବିପନ୍ନଙ୍କ ଠାରୁ ପଚାରି ବୁଝିଥିଲେ। ବିପନ୍ନ ମାନଙ୍କ ଠାରୁ ସମସ୍ୟା ଶୁଣିବା ପରେ ବିଧାୟକ ଜିଲ୍ଲାପାଳଙ୍କ ସହ କଥା ହୋଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କିପରି କ୍ଷତି ପୂରଣ ମିଳିବ, ଭାଙ୍ଗିଥିବା କଚ୍ଚା ଘର ପାଇଁ କିପରି କ୍ଷତି ପୂରଣ ମିଳିବ ସେ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ କଂସାର ସରପଂଚ ସରୋଜିନୀ ନାୟକ, ଯୁବନେତା ମନୋଜ କୁମାର ନାୟକ, ଆଦିକନ୍ଦ ପଣ୍ଡା, ରବୀନ୍ଦ୍ର ପଣ୍ଡା, ଗଣେଶ୍ୱରା ନାୟକ, ରାଜେନ୍ଦ୍ର ବିଶ୍ୱାଳ, ଅରୁଣ ରାଉତ, ରାମଚନ୍ଦ୍ର ବେହେରା, ବିଷ୍ଣୁ ଚରଣ ସାହୁ, ବିଶ୍ୱଜିତ ଜେନା, ବବୁଲ ଜେନା, ରାଜା ପଣ୍ଡା, ପ୍ରଦୀପ ପରିଡ଼ା, ଗଜେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ଓଡ଼ିଆ ଖଣ୍ଡାୟତ ସମାଜର ରକ୍ତଦାନ ଶିବିର

ବଲାଙ୍ଗୀର, ୨୮/୧୦ (ନି.ପ୍ର): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଚାରବାହଲି ଗ୍ରାମରେ ଯୁବ ଓଡିଆ ଖଣ୍ଡାୟତ ସମାଜର ସନତ ପଧାନଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ଓଡିଆ ଖଣ୍ଡାୟତ ସମାଜ, ବଲାଙ୍ଗିରର ଦଳପତି କାଳିଆ ବେହେରା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର ଅଧିକାରୀ ଅଶୋକ କୁମାର ମିଶ୍ରଙ୍କ ସହ ଏଲ୍‌ଟି ଲକ୍ଷ୍ମୀଧର ସାହୁ, ପରମର୍ଶଦାତା ସେକ ଅସରଫ୍, ଏନ୍‌ଓ ରୋଜାଲିନ୍ ନାଏକ ରକ୍ତ ଶିବିରେ ରକ୍ତ ସଂଗ୍ରହ କାର୍ଯ୍ୟ ସଂପାଦନ କରିଥିଲେ। ଏହି ଶିବିରର ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରି ଜିଲ୍ଲା ରକ୍ତ ଭଣ୍ଡାରକୁ ହସ୍ତାନ୍ତର କରାଯାଇଥିଲା। ଜିଲ୍ଲା ଓଡିଆ ଖଣ୍ଡାୟତ ସମାଜ ଆନୁକୁଲ୍ୟରେ ଆୟୋଜିତ ଏହି ଶିବିରରେ ସମାଜର ଉପ-ଦଳପତି ବିଜୟ କୁମାର ବରାଳ, ସଂପାଦକ ହେମ ସାଗର ସ୍ୱାଇଁ, ଯୁଗ୍ମ ସଂପାଦକ ସୁନିଲ କୁମାର ପ୍ରଧାନ, କୋଷାଧକ୍ଷ ନରେନ୍ଦ୍ର କବାଟ, ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର ନେଗୀ, ଦେବରାଜ କବାଟ, ପୂର୍ଣ୍ଣଚନ୍ଦ୍ର କବାଟ, ଯୁଧିଷ୍ଠିର ପଧାନ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିବା ବେଳେ ଅଂଚଳର ବିଭିନ୍ନ ଗ୍ରାମ ଚାରବାହାଲି, ଉମୁରିଆ, ନୂଆପାଲି, ଲସ୍ତଲା, ଲେଡିପାଲି, ସାନକନ୍ଧପାଲି ଓ ପଥର୍ଲା ଗ୍ରାମର ଯୁବବର୍ଗ ରକ୍ତଦାନ କରିଥିଲେ। ସନତ ପଧାନ, ବିଜୟ , ସୁନିଲ, ମହେନ୍ଦ୍ର, ସଂଜିବ, ଦିପକ, ଉମପ୍ରକାଶ, ପ୍ରତାପ, ସିଦ୍ଧାନ୍ତ, ଦିନବନ୍ଧୁ, ମାନଭଂଜନ, ସ୍ୱାଧିନ, ରଂଗୀତା, ଶ୍ରୀକାନ୍ତ, ଅଜିତ, ଯାଦବ, କାର୍ତିକ, ଇନ୍ଦ୍ରମଣି, ରାକେଶ, ହିମାଂଶୁ, ରୁଦ୍ର, ଶିବା, ସୀତାକାନ୍ତ, ଗଜାନନ, ସଂଜୟ, ନିରଞ୍ଜନ ପ୍ରଭୃତି ରକ୍ତଦାନ କରିଥିଲେ । ସୁରେଶ କର୍ମ, ସଚିକାନ୍ତ ନାଏକ, ମାନସ ସ୍ୱାଇଁ, ପ୍ରଶାନ୍ତ ନେଗୀ, ହୃଷିକେଶ ସ୍ୱାଇଁ, ସଂଜୀବ ଜଟୀ, ଅରୁଣ ସ୍ୱାଇଁ, ସୁଧିର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସାହା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୃକ୍ଷ ରୋପଣ

ମାଲକାନଗିରି, ୨୮/୧୦ (ନି.ପ୍ର): ସାହା ଚାରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ମାଲକାନଗିରି ସହରର ଚତୁର୍ଥ ସଶକ୍ତ ବାହିନୀ ପରିସର, ଜିଲ୍ଲା ପୋଲିସ କାର୍ଯ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଲକାନଗିରି ମହାବିଦ୍ୟାଳୟ ପରିସର ମଧ୍ୟରେ ଏକ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଫଳଚାରା ରୋପଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧକ୍ଷ ଜୀବନ ବାବା ସଭାପତିତ୍ୱ କରିଥିବାବେଳେ, ମୁଖ୍ୟଅତିଥି ଭାବେ ତପନ ନାରାୟଣ ରଥ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ମୁଖ୍ୟବକ୍ତା ଭାବେ ସରୋଜ କୁମାର ଜେନା, ଡେପୁଟି କମାଣ୍ଡାଣ୍ଟ ଚତୁର୍ଥ ସଶକ୍ତ ବାହିନୀ ମାଲକାନଗିରି, ସ୍ୱତନ୍ତ୍ର ଅତିଥି ଭାବେ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ, ଅଧ୍ୟାପକ ତଥା ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟପ୍ରିୟ ବିଶ୍ୱାଳ ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଅତିଥିମାନେ ମାଲକାନଗିରି ଜିଲ୍ଲାକୁ ସବୁଜ ସୁନ୍ଦର ତଥା ସ୍ୱାବଲମ୍ବୀ କରିବା ପାଇଁ ସାହା ଚାରିଟେବୁଲ ଟ୍ରଷ୍ଟର ଭୂୟସୀ ପ୍ରଶଂସା କରିଥିଲେ । ଜିଲ୍ଲାର ପ୍ରତ୍ୟେକ ଇଚ୍ଛୁକ ପରିବାରକୁ ପଚିଶ ଗୋଟି ବିଭିନ୍ନ ଫଳଚାରା ରୋପଣ କରିବା ପାଇଁ ମାଗଣାରେ ବିତରଣ କରାଯିବ ବୋଲି ଟ୍ରଷ୍ଟର ଅଧକ୍ଷ ଘୋଷଣା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଚ୍ୟୁତ ପ୍ରଧାନ, ସହକାରୀ କମାଣ୍ଡାଣ୍ଟ, ଗଜାନନ ମଲ୍ଲିକ ଓଁ ଯତୀନ କୁମାର ପ୍ରମୁଖ ସହଯୋଗ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୋଲିସ ପରିବାରର ସମସ୍ତ ସଦସ୍ୟଗଣ ନିଜ ନିଜ ଗୃହ ପରିସରରେ ପିଜୁଳି, ପଣସ, ଆମ୍ବ, ସପେଟା, ଲେମ୍ବୁ, କମଳା ପ୍ରଭୃତି ଚାରା ରୋପଣ କରିଥିଲେ ।

# 'ଚନ୍ଦ୍ରଭାଗା'ର ୩୫ତମ ସ୍ୱନକ୍ଷତ୍ର ସଂସ୍କରଣର ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୨୮/୧୦ (ନି.ପ୍ର): ଜାତୀୟସ୍ତରୀୟ ଚନ୍ଦ୍ରଭାଗୋତ୍ସବର ୩୫ ତମ ସଂସ୍କରଣର ସ୍ୱନକ୍ଷତ୍ର ପାଳନ ନିମିତ୍ତ ପ୍ରସ୍ତୁତି ବୈଠକ ଦୁଇଟି ପର୍ଯ୍ୟାୟରେ ସ୍ଥାନୀୟ ଷ୍ଟେସନ କ୍ଲବ୍ ପରିସରରେ 'ଚନ୍ଦ୍ରଭାଗା'ର ଅନ୍ୟତମ ଉପଦେଷ୍ଟା ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ପାଣିଗ୍ରାହୀ ଓ ଜନଗଣର ଆଜୀବନ ସାଥୀ 'ଚନ୍ଦ୍ରଭାଗା'ର ଶୁଭେଚ୍ଛୁ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସବୁ ବର୍ଷ ପରି ଏହି ଉତ୍ସବ ଆପାତତଃ ଡିସେମ୍ବର ମାସ ୨୮ ତାରିଖରୁ ଆରମ୍ଭ ହୋଇ ୨୦୨୫ ମସିହା ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରରେ ସାରସ୍ୱତ ସାଂସ୍କୃତିକ ଜାଗରଣ ନିମିତ୍ତ ସପ୍ତାହ ବ୍ୟାପୀ ପାଳନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। 'ନାଚ୍' ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ କଳାକାରମାନଙ୍କର ପ୍ରତିଭା ଚୟନ, 'ୟଙ୍ଗହାର୍ଟ' ମିଳିତ ଆନୁକୂଲ୍ୟରେ ଆନ୍ତଃରାଜ୍ୟ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ସର୍ବୋପରି ଆନ୍ତଃମହାବିଦ୍ୟାଳୟ ବହୁଭାଷୀ ନାଟ୍ୟ ପ୍ରତିଯୋଗିତା ଏବଂ ସାହିତ୍ୟର ସମସ୍ତ ବିଭାଗ-ଆଲୋଚନା ନୂଆ ପିଢ଼ିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନ ମନୋଭାବ ବୃଦ୍ଧି କରିବା ଆଦି କାର୍ଯ୍ୟକ୍ରମର ପ୍ରସ୍ତାବ ଆଗତ କରାଯାଇ ଉପସ୍ଥିତ ସଦସ୍ୟ ବରିଷ୍ଠ ବୈଜ୍ଞାନିକ ତପନ କୁମାର ବିଶ୍ୱାଳ, ଡକ୍ଟର ଦିଲ୍ଲୀପ ରଥ, ବରିଷ୍ଠ ଉପଦେଷ୍ଟା ନାଟ୍ୟାନୁରାଗୀ କୈଳାସ ଚନ୍ଦ୍ର ଦାସ, ବିଶିଷ୍ଟ ଚିତ୍ରଶିଳ୍ପୀ ତାପସ ରଂଜନ ପଣ୍ଡା, ନିତ୍ୟାନନ୍ଦ ସାହୁ, ମରୁତ୍ କୁମାର ରାଉତ ଏବଂ ଶିଶୁସାହିତ୍ୟିକ ନାଟ୍ୟକାର ପିତାମ୍ବର ଦାସ, 'ଚନ୍ଦ୍ରଭାଗା'ର ଆଜୀବନ ସଦସ୍ୟ ସନ୍ତୋଷ କୁମାର ପଣ୍ଡା, ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ, କବୟିତ୍ରୀ କମଳିନୀ କାନ୍ତ, ସଂଯୁକ୍ତା ବିଶ୍ୱାଳ, ପ୍ରତିମା ପଣ୍ଡା, ସର୍ବୋପରି 'ଚନ୍ଦ୍ରଭାଗା'ର ଉପଦେଷ୍ଟା କବୟିତ୍ରୀ ଯଶୋଧାରା ଦାସ ପ୍ରମୁଖ ଉପସ୍ଥିତ ରହି ଗତ ୩୫ ବର୍ଷ ଧରି 'ଚନ୍ଦ୍ରଭାଗା'ର ଉତ୍‌ଥାନ ପତନ ସଂପର୍କିତ ଆଲୋଚନା କରିବା ସଂଗେସଂଗେ ବିଭିନ୍ନ ପ୍ରସ୍ତାବମାନ ରଖିଥିଲେ। ଏହି ଅବସରରେ ୩୫ତମ 'ଚନ୍ଦ୍ରଭାଗୋତ୍ସବ'ର କୃତି-କୃତିତ୍ୱ ଆଧାରିତ ବହୁବିଧ ଫଟୋଚିତ୍ରଯୁକ୍ତ ଚନ୍ଦ୍ରଭାଗା ସଦସ୍ୟମାନଙ୍କ ସ୍ୱଉପଲବ୍ଧି ଅଭିମତାଦି ସମ୍ବଳିତ ପୂର୍ବବତ୍ 'ଚନ୍ଦ୍ରଭାଗା' ପତ୍ରିକା ପ୍ରକାଶ କରାଯିବା ସଙ୍ଗେସଙ୍ଗେ ଏହାର ସମ୍ପାଦନା ଦାୟିତ୍ୱରେ ଅଭିଜ୍ଞ ଅବସରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ସାହୁଙ୍କୁ ସମ୍ପାଦନା ଏବଂ ଏହାର ପରିଚାଳନା ମଣ୍ଡଳୀରେ ଗାଳ୍ପିକ ଅଞ୍ଜନ ଚାନ୍ଦ, କବି ସୀତାଂଶୁ ଲେଙ୍କା, ଗାଳ୍ପିକ ସଞ୍ଜୟ ପଣ୍ଡା, କବି ସତ୍ୟ ସାହୁ, ସତ୍ୟ ସେଠୀ, ପାର୍ଥପ୍ରତିମ କର, ସନ୍ତୋଷ ଅଗସ୍ତି, ଆଡ୍‌. ସତ୍ୟବ୍ରତ ମହାପାତ୍ର, ସୁନୀଲ୍ ପଣ୍ଡା, ସତ୍ୟନାରାୟଣ ରଣା ପ୍ରମୁଖଙ୍କୁ ସମ୍ପାଦନା ମଣ୍ଡଳୀରେ ରଖାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତୁତିବୈଠକ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଶଶିକାନ୍ତ ମହାନ୍ତି ମଞ୍ଚଆହ୍ୱାନ କରିଥିବାବେଳେ ବରିଷ୍ଠ ଆଡ଼ଭୋକେଟ୍ ପର୍ଶୁରାମ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଆଗାମୀ ଦିନରେ ୩୫ବର୍ଷର 'ଚନ୍ଦ୍ରଭାଗୋତ୍ସବ'କୁ ସଫଳ ରୂପାୟନ ଦେବାପାଇଁ ବାଲେଶ୍ୱର ତଥା ସମଗ୍ର ଓଡ଼ିଶାର ସାରସ୍ୱତ ସ୍ରଷ୍ଟା ଏବଂ ଅନୁରାଗୀମାନଙ୍କୁ ଅନ୍ୟବର୍ଷମାନଙ୍କ ପରି ଗାମ୍ଭୀର୍ଯ୍ୟପୂର୍ଣ୍ଣ କାର୍ଯ୍ୟାବଳୀର ପ୍ରସ୍ତାବ ଆବାହନ କରିବା ସଙ୍ଗେସଙ୍ଗେ ଓଡ଼ିଆ ଭାଷା ସାହିତ୍ୟ ତଥା ସମଗ୍ର ଭାରତୀୟ ତଥା ଆନ୍ତର୍ଜାତୀୟ ସାହିତ୍ୟକୁ ଦୃଷ୍ଟିରେ ରଖି ଏକ ବ୍ୟାପକ ଓ ଶକ୍ତିଶାଳୀ ସାହିତ୍ୟ ସର୍ଜନାର ସ୍ୱପ୍ନ ସାକାର କରିବା ପାଇଁ ଅନୁଷ୍ଠାନର ପ୍ରତିଷ୍ଠାତା କବି ଶ୍ରୀଦେବ ପ୍ରସ୍ତାବ ରଖିଥିଲେ। ସର୍ବଶେଷରେ ସଦସ୍ୟ ତଥା ସାମାଜିକ କର୍ମୀ ଅବନୀ ଜେନାଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ବ୍ରାହ୍ମଣ ସମାଜର ସମୀକ୍ଷା ବୈଠକ

ସମ୍ବଲପୁର, ୨୭ ଅକ୍ଟୋବର (ହି.ସ.) - ବୁର୍ଲା ବ୍ରାହ୍ମଣ ସମାଜର ବୈଠକ ବୁର୍ଲା ସ୍ଥିତ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ବୁର୍ଲା ସହରର ବ୍ରାହ୍ମଣ ସଦସ୍ୟ ମାନେ ଉପସ୍ଥିତ ରହି ସମାଜର କାର୍ଯ୍ୟ ସମୀକ୍ଷା କରି ଭବିଷ୍ୟତ ଯୋଜନା ସମ୍ପର୍କରେ ନିଷ୍କର୍ଷ ବାହାର କରିଥିଲେ। ବୈଠକରେ ନିଷ୍କର୍ଷର କାର୍ଯ୍ୟକାରିତା ପାଇଁ ନୂତନ କାର୍ଯ୍ୟକର୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବରେ ଯୁଧିଷ୍ଠିର ପତି, ଉପସଭାପତି ଇଂ ଦିନଦୟାଲ ଶର୍ମା ଏବଂ ସୁରେଶ ଚନ୍ଦ୍ର ପଣ୍ଡା, ସଂପାଦକ ସୁନିଲ୍ ଆଚାର୍ଯ୍ୟ, ସହ ସଂପାଦକ ଅନୀଲ ଦେବତା ଓ ସତ୍ୟବ୍ରତ ନାୟକ, ସାଙ୍ଗଠନିକ ସଂପାଦକ ଆଇନଜିବୀ ଆଶୁତୋଷ ବିଶି, ଜୟନ୍ତ ସାହୁ ଏବଂ ନିରଞ୍ଜନ ମହାପାତ୍ର, କୋଷାଧକ୍ଷ ହରିଶଙ୍କର ପଣ୍ଡା, ଲୋକସମ୍ପର୍କ ଅଧିକାରୀ ଯଦୁନନ୍ଦନ ବଡ଼ପଣ୍ଡା ଏବଂ ମିଡିଆ ପ୍ରହାରୀ ଭାବରେ ସାମ୍ବାଦିକ ପ୍ରଣବାନନ୍ଦ ପଣ୍ଡା ଓ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବରେ ଯତୀନ୍ଦ୍ର ମୋହନ ପଣ୍ଡା, ଡ଼ ବ୍ରଜମୋହନ ମିଶ୍ର, ଅଶ୍ୱିନୀ ଆଚାର୍ଯ୍ୟ, ଡ଼ ସଞ୍ଜୟ ମହାପାତ୍ର, ଡ଼ ମୁକେଶ କର, ହୃଷୀକେଶ ପତି, ରବୀନ୍ଦ୍ର ନାୟକ, ଗୋପାଳ ଶତପଥି ଏବଂ ବିଜୟ ଶର୍ମା ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଦେବାଶିଷ ନନ୍ଦ, ପ୍ରଦ୍ୟୁମ୍ନ ମିଶ୍ର, ନୟନ କୁମାର ନାୟକ ଏବଂ ପ୍ରମୋଦ ଦାସ ପ୍ରମୁଖ ସଭା ସଂଯୋଜନା କରିଥିଲେ। ପ୍ରତି ମାସର ଶେଷ ଶନିବାର ସଂଧ୍ୟାରେ ସାମୟୀକ ଭାବରେ ନୃସିଂହ ମନ୍ଦିର ଠାରେ ବ୍ରାହ୍ମଣ ସମାଜର ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା । କାର୍ତିକ ପୂର୍ଣ୍ଣିମା ଉପଲକ୍ଷେ ପଥଚାରୀ ମାନଙ୍କ ପାଇଁ ଅନ୍ନ ଭୋଗ ବ୍ରାହ୍ମଣ ସମାଜ ପକ୍ଷରୁ କରାଯିବା ପାଇଁ ସ୍ଥିରୀକୃତ ହେବା ସହିତ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ଏବଂ ସାମାଜିକ କାର ?ୟ ମାନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଏହା ସହିତ ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହିତ ଜିଲ୍ଲା ପ୍ରଶାସନକୁ ଅବଗତ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା।

# ଏସ୍.ବି.ଆଇ. ପାରାଦୀପ ପକ୍ଷରୁ ବାତ୍ୟା ପୀଡ଼ିତଙ୍କୁ ସହାୟତା

କେନ୍ଦ୍ରାପଡ଼ା, ୨୮/୧୦ (ନି.ପ୍ର): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆଂଚଳିକ କାର୍ଯ୍ୟାଳୟ, ପାରାଦୀପ ତରଫରୁ ବଗପାଟିଆ ସାତଭାୟା ବିସ୍ଥାପିତ ଅଂଚଳରେ ବାତ୍ୟା ଦାନା ପ୍ରପୀଡିତ ୧୦୦୦ ପରିବାରଙ୍କୁ ଗତ ୨୬ ତାରିଖରେ ସହାୟତା ପ୍ରଦାନ କରାଯାଇଛି। ଏଥିରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଅଗ୍ରିମ ପ୍ରବନ୍ଧକ ମୁଖ୍ୟ ପ୍ରବନ୍ଧକ ମନୋଜ ପଧାନି, ପ୍ରବନ୍ଧକ ବିଧୂଭୂଷଣ ରାଉତ, ପ୍ରବନ୍ଧକ ମାନବ ସମ୍ବଳ ସୁକାନ୍ତ କୁମାର ସାହୁ ଏବଂ ମୁଖ୍ୟ ସହାୟକ ପ୍ରଭାତ କୁମାର ଦାସ ଯୋଗ ଦେଇଥିଲେ। ରିଲିଫ୍ କାର୍ଯ୍ୟ ସମ୍ପାଦନାରେ ସ୍ଥାନୀୟ ତହସିଲଦାର ଅଜୟ କୁମାର ମହାନ୍ତି ଏବଂ ରାଜନଗର ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ଜେନା ଉପସ୍ଥିତ ଥିଲେ।

# ଚିଟଫଣ୍ଡ ସଂସ୍ଥା ଡାରଉଇନ୍ ଠକି ନେଲା କୋଟି କୋଟି ଟଙ୍କା

ଜଳେଶ୍ୱର ୨୮/୧୦(ନିପ୍ର) ପୁଣି ସକ୍ରିୟ ହେବାକୁ ବସିଲାଣି ବିଭିନ୍ନ ଚିଟଫଣ୍ଡ ସଂସ୍ଥା ଲୋକଙ୍କ ମନରୁ ଚିଟ୍ ଫଣ୍ଡ ଠକେଇର ଦୁଃଖ କାହାଣୀ ମନରୁ ନ ଲିଭିବା ଆଗରୁ ପୁଣି ଡ଼ାରଉଇନ୍ ନାମକ ଏକ ସଂସ୍ଥା ଜଳେଶ୍ୱର ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ୍ ମାନଙ୍କରେ ସକ୍ରିୟ ଭାବରେ ଖଟିଖିଆ, ଚାଷୀ ଓ ଛୋଟ ଛୋଟ ବ୍ୟବସାୟି ମାନଙ୍କ ପାଖରୁ ଲୋଭନୀୟ ଆଶା ଦେଖାଇ ଲୋକ ମାନଙ୍କର ମୂଳ ଜମା ଟଙ୍କାର ଗୋଟିଏ ବର୍ଷରେ ଦୁଇ ଗୁଣିତ କରାଯିବ କହି ଜଳେଶ୍ୱର ସମେତ ବିଭିନ୍ନ ସ୍ଥାନରୁ କୋଟି କୋଟି ଟଙ୍କା ହଡ଼ପ କରିଛନ୍ତି ଯାହାର ଶିକାର ହୋଇଥିବା ଜଳେଶ୍ୱର ଅଞ୍ଚଳ ଚାଲନ୍ତି ଗାଁର ରବୀନ୍ଦ୍ର ପ୍ରାମାଣିକ ଚାଷୀ ଉପାର୍ଜିତ ଅର୍ଥ ଦେଢ଼ ଲକ୍ଷ ଟଙ୍କା ଫେରି ପାଇ ନାହାଁନ୍ତି ସେହିପରି ବରେନ୍ଦ୍ର ନୟାକ ୯ଲକ୍ଷ, ସୁଶାନ୍ତ ପ୍ରଧାନ ୭୦ହଜାର, ପ୍ରଶାନ୍ତ ସାହୁ ୬୦ହଜାର ଠକାମୀର ସ୍ୱକାର ହୋଇଛନ୍ତି ଏ ନେଇ ସେମାନେ ଆଜି ଦିନ ବେଳ। ଜଳେଶ୍ୱର ଥାନରେ ଜଳେଶ୍ୱର ଅଞ୍ଚଳରେ ଚିଟଫଣ୍ଡ ସଂସ୍ଥା ର କାର୍ଯ୍ୟ କରୁଥିବା ଅଧିକାରୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ ଓ ଜଳେଶ୍ୱର ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଥାନାକୁ ଆଣି ଅଧିକ ପ୍ରଚାରଉଚରା ଜାରି ରଖିଛନ୍ତି।

# ମୌଳାଭଣଜା ନାଏବ ସରପଂଚଙ୍କ ଘର ଉପରକୁ ବୋମାମାଡ

ଗଞ୍ଜାମ, ୨୮/୧୦ (ନି.ପ୍ର): ଗଞ୍ଜାମ ଜିଲା ପାଟପୁର ଥାନା ମୌଳାଭଂଣଜା ପଂଚାୟତର ନାଏବ ସରପଂଚଙ୍କ ଘର ଉପରକୁ ଗତକାଲି ରାତିରେ ବୋମା ମାଡ ହୋଇଥିବା ଜଣାପଡିଛି । ଦୁର୍ବୃତ ମାନେ ବୋମା ମାଡ କରି ଚଂପଟ ମାରିଥିଲେ। ଏଥିରେ କେହି ମୃତାହତ ହୋଇନଥିବା ଜଣାଯାଇଛି । ପାଟପୁର ପୁଲିସ ଘଟଣାର ତଦନ୍ତ କରୁଛି ।

# ଛାତ୍ରୀ ରାନୀ ମାରାଣ୍ଡି ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ତୃତୀୟ



ବାରିପଦା, ୨୮/୧୦ (ନି.ପ୍ର): ଓଡିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ସମ୍ବଲପୁର ଜିଲ୍ଲାସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତା ରେ ୧୪ ବର୍ଷରୁ କମ ବାଳିକା ବିଭାଗର ବଡ଼ସାହି ବ୍ଲକ ଅନ୍ତର୍ଗତ ଗୁଡ଼ିଆଲବନ୍ଧ କ୍ଲଷ୍ଟର ସ୍ଥିତ ବାଲିଯୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ର ଛାତ୍ରୀ ରାନୀ ମାରାଣ୍ଡି ୫୦ ମିଟର ବେକ ଷ୍ଟ୍ରୋକ ସନ୍ତରଣ ପ୍ରତିଯୋଗିତାରେ ସମଗ୍ର ଓଡିଶା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ମୟୂରଭଞ୍ଜ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି କ୍ଷ ଏଥିପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶମ୍ଭୁନାଥ ରାଉତ, ଶିକ୍ଷୟତ୍ରୀ ହେମାଙ୍ଗିନୀ ଦାସଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରଞ୍ଜିତ ନାଏକ, ସି. ଆର. ସି. ସି. ଇନ୍ଦ୍ରଜିତ ଗିରି ପ୍ରମୁଖ ଛାତ୍ରୀ ରାନୀ ମାରାଣ୍ଡି ଙ୍କୁ ଶୁଭେଚ୍ଛା ଜଣେଇଛନ୍ତି।

# ଭାରତୀୟ କୂଟନୀତିଜ୍ଞଙ୍କ ସମ୍ମାନ ବୃଦ୍ଧି ପାଇଛି

ସମ୍ବଲପୁର, ୨୭ ଅକ୍ଟୋବର (ହି.ସ.) ଦୁଇଟି ଦେଶ ମଧ୍ୟରେ ସଂପର୍କ ରକ୍ଷା ଦିଗରେ କୂଟନୀତିଜ୍ଞଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟ କୂଟନୀତିଜ୍ଞମାନଙ୍କ ସମ୍ମାନ ବେଶ୍ ବୃଦ୍ଧି ପାଇଛି ବୋଲି କେନ୍ଦ୍ରୀୟ ୟୁରୋପ ପାଇଁ କାର୍ଯ୍ୟରତ ଭାରତର ଅତିରିକ୍ତ ସଚିବ ଅରୁଣ କୁମାର ସାହୁ କହିଛନ୍ତି । 'ବିକଶିତ ଭାରତ' ପଥରେ ଏବେ ଆମ ଦେଶ ଅଗ୍ରସର ହେଉଛି । ବିକାଶର ସଂଜ୍ଞା ବିସ୍ତୃତ । ତେବେ, ଅଭାବ ଏବଂ ଆବଶ୍ୟକତା ଭିତରେ ଥିବା ଦୂରତା ଦୂର ହିଁ 'ବିକାଶ' ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ସମ୍ବଲପୁର ପ୍ରେସ୍ କ୍ଲବ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ସାହୁ କହିଲେ ଯେ, ବିଦେଶରେ ବିବାହ ଏବେ ଆଉ ପୂର୍ବଭଳି ସଂସ୍କାର ହୋଇ ରହିନାହିଁ । ପରିଣାମ ସ୍ୱରୂପ, ବହୁ ଦେଶରେ ଏବେ ଯୁବ ବର୍ଗର ସଂଖ୍ୟା ବହୁତ ହ୍ରାସ ପାଇବାରେ ଲାଗିଛି। ଚୀନ୍ ଏବେ ଏହି ସମସ୍ୟା ଦେଇ ଗତି କରୁଛି। ଭାରତ କିନ୍ତୁ, ବିଶ୍ୱର ଏକ ପ୍ରମୁଖ ଦେଶ ଭାବେ ମୁଣ୍ଡ ଟେକିଛି। ଏଠାକାର ଜନସଂଖ୍ୟାର ୬୦ ପ୍ରତିଶତ ଲୋକେ ଯୁବ ଏବଂ ମଧ୍ୟ ବୟସ୍କ ବ୍ୟକ୍ତି ଅଟନ୍ତି ବୋଲି ଶ୍ରୀ ସାହୁ କହିଥିଲେ । ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀଶଙ୍କର ଭୋଇ ସ୍ୱାଗତ ଭାଷଣ, ଗୌତମ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅର୍ଜୁନ ରଞ୍ଜନ ପଣ୍ଡା, ହେମନ୍ତ ମହାପାତ୍ର, ସୁଭାଷ ପାଣିଗ୍ରାହୀ ଉତରୀୟ ଦେଇ ସମ୍ମାନିତ କରିଥିଲେ । କିଶୋର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବାଦଶାହ ଦୁଷ୍ମନ୍ତ ରାଣା ଧନ୍ୟବାଦ ଅର୍ପଣ କରିଥିଲେ।

# ତୈଳିକ ବୈଶ୍ୟ ସମାଜର ସାଧାରଣ ସଭା ଅନୁଷ୍ଠିତ

ବଲାଙ୍ଗୀର, ୨୮/୧୦ (ନି.ପ୍ର): ବଲାଙ୍ଗୀର ସହରର କଦଳିମୁଣ୍ଡା ସ୍ଥିତ ନର୍ସରୀ ଠାରେ ତୈଳିକ ବୈଶ୍ୟ ସମାଜର ଏକ ସାଧାରଣ ସଭା ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାର ୧୪ଗୋଟି ବ୍ଲକର ଶତାଧିକ ପୁରୁଷ ଏବଂ ମହିଳା ସଦସ୍ୟମାନେ ଉପସ୍ଥିତ ହୋଇଥିଲେ। ଏହି ସଭାରେ ବିଗତ ୨୦୧୯ ମସିହାରୁ ଦାୟିତ୍ୱରେ ଥିବା କମିଟି ଭଙ୍ଗ କରାଯାଇଥିଲା। ଏହି ସଭାରେ ସଭାପତି ଓ ସଂପାଦକ ବିଗତ ୫ ବର୍ଷରେ କରିଯାଇଥିବା ସମସ୍ତ କାର୍ଯ୍ୟକଳାପର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ନୂତନ କମିଟି ଗଠନ କରିବାକୁ ନିର୍ବାଚନ ଦାୟିତ୍ୱରେ ପ୍ରମୁଖ ଭାବେ ବୈଷ୍ଣବ ଚରଣ ସାହୁ, ଅଙ୍ଗିରା ସାହୁ, ରବିନ୍ଦ୍ର ସାହୁ ଏବଂ ଶରତ ସାହୁଙ୍କୁ ଦାୟିତ୍ୱ ଦେଇଥିଲେ। ଏହି ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ସଦସ୍ୟମାନଙ୍କ ସହମତିରେ ନୂତନ ଭାବେ ସଭାପତି ଉମାକାନ୍ତ ସାହୁ, ଉପସଭାପତି ମିତ୍ରଭାନୁ ସାହୁ, ଗୌର ଚରଣ ସାହୁ ଓ ମହେଶ୍ୱର ସାହୁ, ସଂପାଦକ ପ୍ରଦୀପ ସାହୁ, ସହ-ସଂପାଦକ ଫିରୋଜ ସାହୁ, ଦେବେନ୍ଦ୍ର ସାହୁ, ହିମାଂଶୁ ସାହୁ, ସାଂଗଠନିକ ସଂପାଦକ ବିକାଶ ସାହୁ, କୋଷାଧକ୍ଷ ତ୍ରିନାଥ ସାହୁଙ୍କୁ ଉପସ୍ଥିତ ସଦସ୍ୟଙ୍କ ବିପୁଳ ସମର୍ଥନରେ ନିର୍ବାଚିତ କରିଥିଲେ। ଏହାସହିତ ବୈଷ୍ଣବ ସାହୁଙ୍କୁ ଆଇନ ପରାମର୍ଶଦାତା ଓ ସାଂସ୍କୃତିକ ସଂପାଦକ ରବିନ୍ଦ୍ର କୁମାର ସାହୁଙ୍କୁ ଦାୟିତ୍ୱ ଦେଇଥିଲେ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜିଲ୍ଲାର ପ୍ରତ୍ୟେକ ପ୍ରାନ୍ତରୁ ଆସିଥିବା ପ୍ରମୁଖ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତନ୍ମଧ୍ୟରୁ ଧ୍ରୁବ ସାହୁ, ଚୈତନ୍ୟ ସାହୁ, ଦିଲିପ ସାହୁ, ଦେବଦତ ସାହୁ, ହେମସାଗର ସାହୁ, ମୁକେଶ ସାହୁ, ଜଗଦିଶ ସାହୁ, ରାମଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାସହିତ ଉପଦେଷ୍ଟା ଭାବେ ଅଙ୍ଗିରା ସାହୁ, ଶିବ ପ୍ରସାଦ ସାହୁ, ଟିକେଲାଲ ସାହୁ, ନରସିଂହ ସାହୁ, ମହେନ୍ଦ୍ର ସାହୁ, ଭଗବାନ ସାହୁ ଏବଂ ନେପାଲ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ନୂତନ ଭାବେ ଚୟନ ହୋଇଥିବା ସଦସ୍ୟମାନେ ଆଗାମୀ ଦିନରେ ତୈଳିକ ବୈଶ୍ୟ ସମାଜର ଉନ୍ନତି କରିବା ନିମନ୍ତେ ଶପଥବଦ୍ଧ ହୋଇଥିଲେ।

# ଜର୍ଣ୍ଣାଲିଷ୍ଟ ଏସୋସିଏସନ୍ ଅଫ ବରଗଡର ଦ୍ୱିବାର୍ଷିକ ବୈଠକ ଓ ନିର୍ବାଚନ

ବରଗଡ଼, ୨୮/୧୦ (ନି.ପ୍ର): ଜର୍ଣ୍ଣାଲିଷ୍ଟ ଏସୋସିଏସନ୍ ଅଫ ବରଗଡ (ଜାବ) ର ଦ୍ୱିବାର୍ଷିକ ବୈଠକ ଓ ନିର୍ବାଚନ ରବିବାର ବରପାଲି ବ୍ଲକ ସ୍ଥିତ ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ରବି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ସଂଘର ସାଂଗଠନିକ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ସଂଘ ପକ୍ଷରୁ ସଦସ୍ୟ ମାନଙ୍କର ୱେଲଫେୟାର ପାଇଁ ଗୁରୁତ୍ୱ ଦେବା ସହ ବରଗଡ ସଦର ମହକୁମା ଠାରେ ସଂଘର ଏକ ଅଫିସ ଗୃହ ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ସଭା ପ୍ରାରମ୍ଭରେ ବରପାଲି ୟୁନିଟର ସଂଯୋଜକ ସୁବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦ୍ୟୁମ୍ନ ତ୍ରିପାଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ସଂଘର ବିବରଣୀ ଉପସ୍ଥାପନା କରିଥିଲେ । ପରେ ସଂଘର ଦ୍ୱିବାର୍ଷିକ ନିର୍ବାଚନ ସଂଘର ନିର୍ବାଚନୀ ଅଧିକାରୀ ସୁରେଶ ଦାଶ ଓ ଅତିରିକ୍ତ ନିର୍ବାଚନ ଅଧିକାରୀ ହେମନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନ ପାଇଁ ଓୟୁଜେ ପକ୍ଷରୁ ଓୟୁଜେ ସଂଗଠନ ସମ୍ପାଦକ ରତୁରାଜ ସିଂ ଓ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ବଦ୍ରି ନାରାୟଣ ମିଶ୍ର ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ । ଏହି ନିର୍ବାଚନରେ ରବି ପଣ୍ଡା ସପ୍ତମ ଥର ପାଇଁ ସଭାପତି ଭାବରେ ନିର୍ବିରୋଧ ନିର୍ବାଚିତ ହୋଇଥିବା ବେଳେ ବଦ୍ରି ପ୍ରସାଦ ସାହୁ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭୁଚରଣ ମହାନ୍ତି ଓ ବ୍ୟୋମକେଶ କର ଉପସଭାପତି, ଜ୍ୟୋତି ରଞ୍ଜନ ମହାପାତ୍ର ଓ ନୀଳକଣ୍ଠ ଦୀପ ସମ୍ପାଦକ, ହେମନ୍ତ ନାୟକ କୋଷାଧକ୍ଷ , ରମଣୀ ରଂଜନ ବେହେରା ଅଫିସ ସମ୍ପାଦକ, ରଞ୍ଜନ ଦେବତା ଜିଲ୍ଲା ସଂଯୋଜକ, ନରେନ୍ଦ୍ର କୁମାର ଦାଶ ଜିଲ୍ଲା ମିଡ଼ିଆ ସେଲ ସଂଯୋଜକ, କ୍ଷମାନିଧି ନାୟକ ଟ୍ରିବ୍ୟୁନାଲ ଅଧକ୍ଷ, ଯୁଧିଷ୍ଠିର ମହାପାତ୍ର ସାମ୍ବାଦିକ କଲ୍ୟାଣ ବିଭାଗ ଅଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ସେହିପରି ବ୍ଲକ୍ ସଂଯୋଜକ ଭାବରେ ଅତାବିରା ବ୍ଲକ ପାଇଁ କୀର୍ତନ ବିଶ୍ୱାଳ,ଅମ୍ଭାଭୋନା ବ୍ଲକ ପାଇଁ ରଞ୍ଜିତ ଦାଶ, ବରଗଡ ବ୍ଲକ ପାଇଁ ନେପାଳ ପ୍ରଧାନ, ବରପାଲି ବ୍ଲକ ପାଇଁ ସୁବ୍ରତ ସାହୁ, ବିଜେପୁର ବ୍ଲକ ପାଇଁ ପାଣ୍ଡବ ପ୍ରଧାନ, ଭଟଲି ବ୍ଲକ ପାଇଁ ରାଜେଶ ମିଶ୍ର, ଝାରବନ୍ଧ ବ୍ଲକ ପାଇଁ ଦେବେନ୍ଦ୍ର ସାହୁ, ଭେଡେନ ବ୍ଲକ ପାଇଁ ବଳରାମ ବାଗ , ଗାଇସିଲେଟ ବ୍ଲକ ପାଇଁ ରଙ୍କମଣି ସାହୁ, ପାଇକମାଳ ପାଇଁ ଧିରେନ ମହାନ୍ତି, ପଦ୍ମପୁର ବ୍ଲକ ପାଇଁ ସୁଦାମ ପ୍ରଧାନ ଓ ସୋହେଲା ବ୍ଲକ ପାଇଁ ଅଶ୍ୱିନୀ ପାତ୍ର ମନୋନୀତ ହୋଇଛନ୍ତି । ଜାବର ବରିଷ୍ଠ ସଦସ୍ୟ ସିଂହନାଦ ପ୍ରଧାନ ମଂଚାସୀନ ଥିବା ବେଳେ ଏହି ବୈଠକରେ ସଂଘର ଜିଲ୍ଲାର ସମସ୍ତ ୧୨ ଟି ବ୍ଲକ ୟୁନିଟ ରୁ ପ୍ରାୟ ୭୦ ଜଣ ସଦସ୍ୟ ଯୋଗଦାନ କରିଥିଲେ । ଶେଷରେ ବରପାଲି ୟୁନିଟର ବରିଷ୍ଠ ସଦସ୍ୟ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଗୁଡା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ

କନ୍ଧମାଳ, ୨୮/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ସହରରେ ଅବସ୍ଥାପିତ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆଗାମୀ ମାସ ୧୬ ରୁ ୨୦ ତାରିଖ ମଧ୍ୟରେ ପ୍ରତିଷ୍ଠା ହେବାନେଇ ସର୍ବସାଧାରଣ ବୈଠକ ଆୟୋଜନ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକ କାର୍ଯ୍ୟକ୍ରମରେ ଜଗନ୍ନାଥ ଟ୍ରଷ୍ଟର ସମ୍ପାଦକ ଶ୍ରୀନିବାସ ପାତ୍ରଙ୍କ ପରିଚାଳନା ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଟ୍ରଷ୍ଟର ସଦସ୍ୟ ମଧୁସୂଦନ ଦାସ ଆଗାମୀ ଦିନରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ନୀତିକାନ୍ତି କେବେ ହେବା କିଭଳି ହେବ ସେ ନେଇ ନିଜ ଅଭିଭାଷଣ ରଖିଥିଲେ। ଏହି ଆଲୋଚନା ବୈଠକ କାର୍ଯ୍ୟକ୍ରମରେ ବାଲିଗୁଡ଼ା ସହରରେ ଥିବା ସମସ୍ତ ରାଜନୈତିକ ଦଳୀୟ ଓ ସର୍ବ ସାଧାରଣଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ଏତେ ବଡ଼ ସହରରେ ମାତ୍ର ଚାଳିଶି ଜଣଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଥିଲା। ବୈଠକ ଅଧାରେ ମଧୁସୂଦନ ଦାସଙ୍କ ଅବନ୍ତାରକ ଯୁକ୍ତି ନେଇ ଜନସାଧାରଣ ଏହାକୁ ବିରୋଧ କରିଥିଲେ।

# ଲିଭରକୁ ସଫାକରିବା ନେଇ ବ୍ୟବହାର କରନ୍ତୁ ଏହି ୫ଟି ଜିନିଷ

ଲିଭରକୁ ଆମ ଶରୀରର କାରଖାନା ବୋଲି କୁହାଯାଏ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଲିଭରକୁ ଶକ୍ତିଶାଳୀ କରିବା ପାଇଁ ପ୍ରାକୃତିକ ଜିନିଷର ବ୍ୟବହାର ଅଧିକ ଲାଭଦାୟକ ହୋଇଥାଏ। ଆସନ୍ତୁ ଏ ବିଷୟରେ ଜାଣିନେବା। ଆଜିକାଲି ଲିଭର ଡିଟକ୍ସ ଶବ୍ଦ ବହୁତ ଶୁଣିବାକୁ ମିଳୁଛି। ତେବେ ଡାକ୍ତରମାନେ କହିଛନ୍ତି ଯେ ଲିଭର ଡିଟକ୍ସ ଭଳି କୌଣସି ଜିନିଷ ନାହିଁ କାରଣ ଲିଭର ନିଜର ସଫା ନିଜେ କରିଥାଏ। କିନ୍ତୁ ଯେତେବେଳେ ଏହା ଉପରେ ଚାପ ବଢିଯାଏ ଏହା ଦୁର୍ବଳ ହୋଇପାରେ। ଏଥିପାଇଁ କେବଳ ସୁସ୍ଥ ଖାଦ୍ୟ ହିଁ ସର୍ବୋତ୍ତମ କାର୍ଯ୍ୟ କରିଥାଏ। ଲିଭର ଆମ ଶରୀର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀର ଭିତରେ ୫୦୦ରୁ ଅଧିକ କାମ କରିଥାଏ। ଲିଭର ଆମ ଶରୀରରୁ ଅନେକ ପ୍ରକାରର କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହା ସହିତ ଲିଭର ପ୍ରୋଟିନ୍, ମିନେରାଲ୍ସ, ହରମୋନ୍, ଏନଜାଇମ୍ ଏବଂ କୋଲେଷ୍ଟ୍ରୋଲ୍ ଉତ୍ପାଦନରେ ଭାଗ ନେଇଥାଏ। ଏଥିରେ କେତେକ ମିନେରାଲ୍ସ, ଭିଟାମିନ୍ ଇ ଏବଂ ଆଇରନ୍ ମଧ୍ୟ ଗଚ୍ଛିତ ହୁଏ। ଲିଭରକୁ ଆମ ଶରୀରର କାରଖାନା ବୋଲି କୁହାଯାଏ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଲିଭରକୁ ଶକ୍ତିଶାଳୀ କରିବା ପାଇଁ ପ୍ରାକୃତିକ ଜିନିଷର ବ୍ୟବହାର ଅଧିକ ଲାଭଦାୟକ ହୋଇଥାଏ। ଆସନ୍ତୁ ଏ ବିଷୟରେ ଜାଣିନେବା।

*ବାତାପି ଲେମ୍ବୁ:*

ବାତାପି ଲେମ୍ବୁ ହେଉଛି ଭିଟାମିନ୍ ଉ ର ଏକ ଭଣ୍ଡାର। ଏଥିରେ ମୁଖ୍ୟତଃ ଦୁଇଟି ଆଣ୍ଟିଅକ୍ସିଡାଣ୍ଟ ଥାଏ - ନେରେନିଜୋନିନ୍ ଏବଂ ନାରିନ୍‌ଜୀନ୍। ଏହି ଆଣ୍ଟିଅକ୍ସିଡାଣ୍ଟ ସ୍ୱାଭାବିକ ଭାବରେ ଲିଭରର କ୍ଷମତାକୁ ବଢେଇଥାଏ। ଏହା ମଧ୍ୟ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଅଟେ। ତେଣୁ, ଲିଭରରେ ଆଘାତ ହେଲେ ଏହା କ୍ଷତକୁ ତୁରନ୍ତ ଭଲ କରିବାରେ ସାହାଯ୍ୟ କରେ।

*ଜାମୁକୋଳି:*

ଜାମୁକୋଳିରେ ଆଣ୍ଥୋସିୟାନିନ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଅଧ୍ୟୟନ ଅନୁଯାୟୀ, ଏଥିରେ ଥିବା ଏହି ଦୁଇଟି ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ଯକୃତର ସ୍ୱାସ୍ଥ୍ୟକୁ ମଜବୁତ କରିଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଲିଭରରେ ଫାଇବ୍ରୋସିସ୍ ହୁଏ ନାହିଁ। ଲିଭର୍ ପାଇଁ ଫାଇବ୍ରୋସିସ୍ ଏକ ବଡ ରୋଗ। ଜାମୁକୋଳି ଖାଇବା ସ୍ୱାଭାବିକ ଭାବରେ ଲିଭରକୁ ମଜବୁତ କରେ।

*ହଳଦୀ:*

ହଳଦୀରେ ଔଷଧୀୟ ଗୁଣର ଏକ ଭଣ୍ଡାର ରହିଛି। ଏଥିରେ କରକ୍ୟୁମିନ୍ କମ୍ପାଉଣ୍ଡ୍ ରହିଥାଏ ଯାହା ଲିଭରକୁ ପ୍ରାକୃତିକ ଭାବରେ ସଫା କରିବାରେ ସାହାଯ୍ୟ କରିଥାଏ। ଏହା ମଧ୍ୟ ଏକ ଏନ୍‌ଜାଇମ୍ ବୁଷ୍ଟର୍ ଭାବରେ କାମକରେ, ଯାହା ଖାଦ୍ୟ ସହିତ ପେଟରେ ପ୍ରବେଶ କରୁଥିବା ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ। ଏହା ଲିଭର ଉପରେ କମ୍ ଚାପ ପକାଇଥାଏ ଏବଂ ଏହାକୁ ସୁସ୍ଥ ରଖିଥାଏ।

*ଲେମ୍ବୁ:*

ଲେମ୍ବୁ ଭିଟାମିନ୍ ଉ ରେ ପରିପୂର୍ଣ୍ଣ ଥିବା ଏକ ଫଳ। ଲେମ୍ବୁ ଲିଭର୍ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏହା ଏକ ଶସ୍ତା ଏବଂ ସହଜରେ ମିଳୁଥାଏ। ଲେମ୍ବୁ ଲିଭରକୁ ସଫା କରେ। ପ୍ରତିଦିନ ସକାଳେ ଉଷୁମ ପାଣିରେ ଲେମ୍ବୁ ପିଇବା ଉଚିତ। ଏହା ଲିଭର, କିଡ୍‌ନୀକୁ ସୁସ୍ଥ ରଖେ ଏବଂ ଓଜନ ମଧ୍ୟ ନିୟନ୍ତ୍ରିତ ହୁଏ।

*ଅଁଳା:*

ଅଁଳା ଏକ ଖଟାଳିଆ ଫଳ, ଏହା ମଧ୍ୟ ଭିଟାମିନ୍ ଉ ରେ ଭରପୂର। ଲିଭରକୁ ସଫା କରିବାରେ ଅଁଳା ରସ ରାମବାଣ ପରି କାମ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ।



# ଖରାପ ବ୍ୟବହାରର କିପରି ଦେବେ ଉତ୍ତର: ଜାଣନ୍ତୁ ୬ଟି ଉପାୟ



ଅନେକ ଲୋକ ଅଛନ୍ତି ଯେଉଁମାନେ ଖରାପ ମନ୍ତବ୍ୟ ଶୁଣି ହଠାତ୍ ପ୍ରତିକ୍ରିୟା କରନ୍ତି ଏବଂ ଆକ୍ରମଣାତ୍ମକ ହୋଇପଡନ୍ତି। ପରେ କିନ୍ତୁ ପରିସ୍ଥିତି ଅଣାୟତକୁ ଚାଲିଯାଏ। ତେବେ ଏଭଳି ପରିସ୍ଥିତିରେ କିପରି ରଖିବେ ନିଜ ଉତ୍ତର ଆସନ୍ତୁ ଜାଣିବା। ଏମିତି ଅନେକ ଲୋକ ଅଛନ୍ତି ଯେଉଁ ଘର ହେଉ କି ବାହାର କିମ୍ବା କର୍ମକ୍ଷେତ୍ରରେ ଅଶାଳୀନ ବ୍ୟବହାର କରନ୍ତି। ସୋସିଆଲ ମିଡିଆ ଯୁଗରେ, ଜଣାଶୁଣା ବ୍ୟକ୍ତିଙ୍କ ବ୍ୟତୀତ ଅପରିଚିତ ବ୍ୟକ୍ତିମାନେ ମଧ୍ୟ ଖରାପ ମନ୍ତବ୍ୟ ଦିଅନ୍ତି। ଯେଉଁମାନେ ଏ ସବୁର ଶିକାର ହୁଅନ୍ତି ସେମାନେ ଅନେକ ସମୟରେ ଆଘାତ ପାଇବା ଦେଖାଯାଏ। ପ୍ରତ୍ୟେକ ବୟସର ଲୋକଙ୍କୁ ବେଳେବେଳେ ଏହାର ସାମ୍ନା କରିବାକୁ ପଡେ। ଅନେକ ଲୋକ ହଠାତ୍ ପ୍ରତିକ୍ରିୟା କରନ୍ତି ଏବଂ ଖରାପ ମନ୍ତବ୍ୟ ଶୁଣିବା ପରେ ଆକ୍ରମଣାତ୍ମକ ହୋଇପଡନ୍ତି। ପରେ କିନ୍ତୁ ପରିସ୍ଥିତି ଅଣାୟତକୁ ଚାଲିଯାଏ। କିନ୍ତୁ ଏପରି ମଧ୍ୟ କିଛି ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ଶାନ୍ତ ଭାବରେ ଏହିପରି ମନ୍ତବ୍ୟଗୁଡିକର ଉପଯୁକ୍ତ ଉତ୍ତର ଦିଅନ୍ତି। ଏହା ଦ୍ୱାରା ସମସ୍ୟା ନ ବଢି ସମାଧାନ ହୋଇଯାଏ।

ଆଜି ଆମେ ଆପଣଙ୍କୁ ସେହି କଥା ହିଁ କହିବୁ, ଯଦି ଆପଣ କେବେ ଖରାପ କିମ୍ବା ଅଭଦ୍ର ମନ୍ତବ୍ୟର ଶିକାର ହୁଅନ୍ତି, ତେବେ କିପରି ଶାନ୍ତ ଭାବେ ଦୃଢ ଜବାବ ଦେବେ, ଯାହା ଦ୍ୱାରା ଭବିଷ୍ୟତରେ ସେହି ବ୍ୟକ୍ତି ଏପରି କଥା କହିବାକୁ ସାହସ ମଧ୍ୟ କରିବ ନାହିଁ।

*ଶାନ୍ତ ଭାବରେ ଜବାବ ଦେବା:*

ଅଶ୍ଳୀଳ ମନ୍ତବ୍ୟ ଯୋଗୁଁ ଲୋକମାନେ କ୍ରୋଧିତ ଓ ଲଜ୍ଜିତ ହୋଇପାରନ୍ତି। ଏଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ଶାନ୍ତ ରହିବା ହେଉଛି ସର୍ବୋତ୍ତମ ଉପାୟ। ଶାନ୍ତ ରହି ନିଜର ଉତ୍ତରକୁ କଠୋର ସ୍ୱରରେ ଦେବା ଉଚିତ। କହିବା ବେଳେ ଭାବିଚିନ୍ତି ଶବ୍ଦ ବ୍ୟବହାର କରିବା ଉଚିତ। ଏହା ନିଜର ସମ୍ମାନ ବଜାୟ ରଖିବା ସହିତ ସଂପର୍କକୁ ମଧ୍ୟ ବଜାୟ ରଖିବ।

*ମନ୍ତବ୍ୟର ଉଦ୍ଦେଶ୍ୟ ବୁଝିବା:*

କିଛିକୁ ନେଇ ପ୍ରତିକ୍ରିୟା କରିବା ପୂର୍ବରୁ, ସେହି ବ୍ୟକ୍ତିଙ୍କ ସହିତ ଆପଣଙ୍କର ସମ୍ପର୍କ ବିଷୟରେ ଚିନ୍ତା କରନ୍ତୁ। ଏହା ଫଳରେ ମନ୍ତବ୍ୟ ପଛରେ ବ୍ୟକ୍ତିର ଉଦ୍ଦେଶ୍ୟ କ'ଣ ତାହା ବୁଝିବା ସହଜ ହେବ। ଫଳରେ ଆପଣ ସେହି ବ୍ୟକ୍ତି ସହିତ କିପରି ବ୍ୟବହାର କରିବେ ତାହା ଜାଣିହେବ।

*ଥଟ୍ଟା କରି ପ୍ରତିକ୍ରିୟା ଦେବା:*

ଖରାପ ମନ୍ତବ୍ୟଗୁଡିକର ଉପଯୁକ୍ତ ଉତ୍ତର ଦେବାର ସର୍ବୋତ୍ତମ ଉପାୟ ହେଉଛି ଥଟ୍ଟା। ନିଜର କଥାକୁ ଥଟ୍ଟା ମାଧ୍ୟମରେ ଅନ୍ୟ ଜଣକୁ କହିବା ଦ୍ୱାରା ଏହା ଖୁବ ପ୍ରଭାବ ପକେଇଥାଏ। ସଠିକ୍ ସମୟରେ ବ୍ୟଙ୍ଗାତ୍ମକ ଢଙ୍ଗରେ ଜବାବ ଦେବା ଦ୍ୱାରା ଏହା ପରିସ୍ଥିତିକୁ ବଦଳାଇ ଦେବା ସହ ବିପରୀତ ଲୋକକୁ ଆଘାତ ଦେଇପାରେ, କିନ୍ତୁ ତା'ର ମୁହଁ ହୋଇଯାଇପାରେ।

*ସମ୍ମାନର ସହ ଲଜ୍ଜିତ କରେଇବା:*

ଯଦି କାହାର ମନ୍ତବ୍ୟ ଅଶାଳୀନ ଏବଂ ଆପଣ ଏଥିରେ ଅସହଜ ଅନୁଭବ କରନ୍ତି, ତେବେ ସେହି ବ୍ୟକ୍ତିଙ୍କ ସ୍ଥିତିକୁ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ତାଙ୍କୁ ସମ୍ମାନର ସହ ଲଜ୍ଜିତ କରିବାକୁ ଚେଷ୍ଟା କରନ୍ତୁ। ତାଙ୍କୁ ସିଧାସିଧା କୁହନ୍ତୁ ଯେ ଏହି ମନ୍ତବ୍ୟଟି ଭୁଲ ଥିଲା ଏବଂ ଆପଣଙ୍କ ପରି ବ୍ୟକ୍ତିଙ୍କଠାରୁ ଏହା ଆଶା କରା ନ ଯାଏ। ଏହା ନିଶ୍ଚିତ ଭାବେ ତାଙ୍କୁ ଲଜ୍ଜିତ କରିବ।

*ବୁଦ୍ଧିମାନ ଭାବରେ ଉତ୍ତର ଦେବା:*

ଅନେକ ଲୋକ ଖରାପ ମନ୍ତବ୍ୟ ଶୁଣି କ୍ରୋଧିତ ହୋଇଯାଆନ୍ତି ଏବଂ ଆକ୍ରମଣାତ୍ମକ ମନୋଭାବ ପୋଷଣ କରନ୍ତି। ଏପରି କରିବା ଦ୍ୱାରା କୌଣସି ଲାଭ ମିଳେ ନାହିଁ। ଏଭଳି କ୍ଷେତ୍ରରେ ନୀରବ ରହି ନିଜର ବିରୋଧାଭାବକୁ ମଧ୍ୟ ପ୍ରକାଶ କରିହେବ। ପ୍ରତ୍ୟେକ ଖରାପ ମନ୍ତବ୍ୟ ଉପରେ ପ୍ରତିକ୍ରିୟା କରିବାର କୌଣସି ଆବଶ୍ୟକତା ନାହିଁ। ବେଳେବେଳେ ନୀରବତା ଏକ ଶକ୍ତିଶାଳୀ ଅସ୍ତ୍ରଭାବେ କାମ କରେ। ପରେ ଭାବିଚିନ୍ତି ପ୍ରତିକ୍ରିୟା କରିପାରିବେ।

*ସ୍ପଷ୍ଟୀକରଣ ମାଗିବା:*

କେତେକ କ୍ଷେତ୍ରରେ କୌଣସି ମନ୍ତବ୍ୟ ଭୁଲ ବୁଝାମଣା ଯୋଗୁଁ ହୋଇଥାଇପାରେ। ଏପରି ପରିସ୍ଥିତିରେ, ଏହାକୁ ଏଡାଇବା ପାଇଁ ଆପଣ ସ୍ପଷ୍ଟୀକରଣ ମାଗିପାରିବେ। ଆପଣ ସେହି ବ୍ୟକ୍ତିଙ୍କୁ ତାଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟକୁ ବିସ୍ତୃତ ଭାବରେ ବ୍ୟାଖ୍ୟା କରିବାକୁ କହିପାରିବେ। ଏହି ଉପାୟ କେବଳ ଅନ୍ୟକୁ ସେମାନଙ୍କର ଶବ୍ଦର ପୁନର୍ବିଚାର କରିବାର ସୁଯୋଗ ଦେଇ ନଥାଏ ବରଂ କଥାବାର୍ତ୍ତାକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

# ଲଗାତର୍ ୧୫ ଦିନ ଗାଜର ଖାଆନ୍ତୁ, ତେବେ ସ୍ୱାସ୍ଥ୍ୟରେ କଣ ଦେଖାଯିବ ପରିବର୍ତ୍ତନ: ଆସନ୍ତୁ ଜାଣିବା...



ଗାଜର ଖାଇବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି । କିନ୍ତୁ ଅନେକ ଗାଜରର ଉପକାରିତା ବିଷୟରେ ଅଜ୍ଞାତ । ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଏହାକୁ ସୁପରଫୁଡ୍ ବର୍ଗରେ ରଖାଯାଇଥାଏ । ଗାଜରରେ ଅନେକ ପୋଷକ ତତ୍ତ୍ୱ ରହିଥାଏ । ଗାଜରରେ ଭିଟାମିନ୍-ଏ, ଭିଟାମିନ୍-ସି, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଥାଏ । ଏହାର ଅନେକ ପ୍ରକାରର ରେସିପି ତିଆରି କରି ଖାଇ ହୋଇଥାଏ । କିନ୍ତୁ ଜାଣନ୍ତି କି ଯଦି ଆପଣ ୧୫ ଦିନ ଗାଜର ଖାଆନ୍ତି, ତେବେ ସ୍ୱାସ୍ଥ୍ୟରେ କେଉଁ ପରିବର୍ତ୍ତନ ଦେଖାଯିବ ? ଆସନ୍ତୁ ଜାଣିବା...

ଆଜିକାଲି ଅଧିକାଂଶ ଲୋକ ଆଖି ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗାଜରରେ ଲାଇକୋପିନ୍ ଏବଂ ଭିଟାମିନ୍ ଏ ରହିଛି । ଯାହା ଦୃଷ୍ଟି ଶକ୍ତିରେ ଉନ୍ନତି ଆଣିଥାଏ । ଗାଜରରେ ଫାଇବରର ଭରପୂର ରହିଥାଏ । ଏହାକୁ ଖାଇବା ଦ୍ୱାରା ଆପଣଙ୍କ ପେଟ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରହିଥାଏ । ଆଉ ଆପଣ ଆବଶ୍ୟକତାଠାରୁ ଅଧିକ ଖାଇବା ଠାରୁ ଦୂରେଇ ରହିପାରିବେ । ଗାଜର ହଜମ ଶକ୍ତିକୁ ପ୍ରୋତ୍ସାହିତ କରିଥାଏ । କାରଣ ଏଥିରେ ଅଧିକ ପରିମାଣର ଫାଇବର ରହିଥାଏ । କୋଷ୍ଠକାଠିନ୍ୟ ସମସ୍ୟାରେ ମଧ୍ୟ ଏହା ବହୁତ ଲାଭଦାୟକ ଅଟେ । ଉଚ୍ଚ ରକ୍ତଚାପକୁ ସ୍ୱାଭାବିକ ରଖିବାରେ ଗାଜର ସାହାଯ୍ୟ କରିଥାଏ । ଏହାବ୍ୟତୀତ ଖରାପ କୋଲେଷ୍ଟ୍ରଲ ହ୍ରାସ କରିବାରେ ଗାଜର ବହୁତ ଲାଭଦାୟକ ଅଟେ ।

# ନିଅନ୍ତୁ ଖାସ୍ ଯତ୍ନ

**ସମାଜ ପୂର୍ବାପେକ୍ଷା ବହୁତ ବଦଳିଛି ଏକ କଥା ସତ। କିନ୍ତୁ ଏବେ ବି ବଦଳି ନାହିଁ ଆମର ମାନସିକତା। ସେକ୍ସ ଓ ଯୌନାଙ୍ଗକୁ ନେଇ ସର୍ବାସାଧାରଣ ସ୍ଥାନରେ ଚର୍ଚ୍ଚା ହେଲେ ଆମକୁ ଲାଜ ଲାଗେ। ଅବଶ୍ୟ ଲାଜ କରିବା ଭୁଲ ନୁହେଁ, ମାତ୍ର ମହିଳାଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ ହେବା ଜରୁରୀ। ମହିଳାମାନେ ବାହ୍ୟ ସୌନ୍ଦର୍ଯ୍ୟର ବେଶ୍ ଯତ୍ନ ନେଇଥାନ୍ତି। କିନ୍ତୁ ଯୌନାଙ୍ଗରେ ସ୍ୱଚ୍ଛତା ପ୍ରତି ସେତେଟା ଯତ୍ନବାନ ହୁଅନ୍ତି ନାହିଁ। ଏହା ବ୍ୟତୀତ ମହିଳାମାନେ ନିଜକୁ ପାରିବାରିକ ଏବଂ ବୃତ୍ତିଗତ ଜୀବନରେ ବ୍ୟସ୍ତ ରଖୁଥିବା ବେଳେ ଶରୀରର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ। ଫଳରେ ଯୌନାଙ୍ଗରେ ବିଭିନ୍ନ ସଂକ୍ରମଣ ଦେଖାଯିବା ସହ ସର୍ଭିକାଲ କ୍ୟାନସର ହେବାର ସମ୍ଭାବନା ରହିଛି।**



- ଅନେକ ସମୟରେ ମହିଳାମାନଙ୍କ ଯୌନାଙ୍ଗ କୁଣ୍ଡାଇ ହୁଏ। ଏଥିପାଇଁ ମହିଳାମାନେ ଅନେକ ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହୁଅନ୍ତି। ଜୀବାଣୁ ଜନିତ ସଂକ୍ରମଣ, ମାସିକ ଋତୁସ୍ରାବ ବନ୍ଦ ହେବା ସମୟରେ ହରମୋନ ପରିବର୍ତ୍ତନ, ଯୌନାଙ୍ଗ ନିକଟ ଓଦା ରହିବା ଅଥବା ଓଦା ପୋଷାକ କାରଣରୁ ଏହା ହୋଇଥାଏ।

- ଯୌନାଙ୍ଗ ସଫା କରିବା ପାଇଁ ସାଧାରଣ ସାବୁନ୍ ବା କୌଣସି କ୍ଲିନଜର ବ୍ୟବହାର କରନ୍ତୁ ନାହିଁ। ଏହାଦ୍ୱାରା ଭଲ ବ୍ୟାକ୍ଟେରିଆ ନଷ୍ଟ ହେବା ସହ ସଂକ୍ରମଣ ଆଶଙ୍କା ବଢ଼ିଥାଏ। ପିଏଚଯୁକ୍ତ ଲୋସନ ଯେପରିକି 'ଭି ଓ୍ୱାସ' ଭଳି ଉତ୍ପାଦ ବ୍ୟବହାର କଲେ ସଂକ୍ରମଣ କମ୍ ହୁଏ। ସାବୁନରେ ଏକ ପିଏଚ ଫ୍ୟାକ୍ଟର ୫.୫ରହିଛି ଯାହା ଚର୍ମ ପିଏଚ ଫାକ୍ଟର ସହ ସମାନ। ଯୌନାଙ୍ଗ ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ସେ କ୍ଷେତ୍ରରେ ପିଏଚ୍ ସ୍ତର ୩.୮ରୁ ୪.୫ ପର୍ଯ୍ୟନ୍ତ ରହିଥାଏ। ସର୍ବଦା ଯୌନାଙ୍ଗ ପିଏଚ ସ୍ତର ଠିକ୍ ରଖନ୍ତୁ।

- ଯୌନାଙ୍ଗକୁ ସର୍ବଦା ଶୁଖିଲା ଏବଂ ସଫା ରଖନ୍ତୁ। ଗାଧୋଇବା କିମ୍ବା ଶୌଚାଳୟରୁ ଆସିବା ପରେ ଉକ୍ତ ସ୍ଥାନକୁ ଶୁଖିଲା ସୂତା କପଡ଼ା ଅଥବା ଟିସୁରେ ଭଲ ଭାବେ ପୋଛି  ଟାଲକମ ପାଉଡ଼ର ବ୍ୟବହାର କରନ୍ତୁ।

- ଟାଇଟ ଅନ୍ତବସ୍ତ୍ର ପିନ୍ଧିବା ଦ୍ୱାରା ବେଳେବେଳେ ଏହି ସ୍ଥାନ କୁଣ୍ଡାଇ ହୋଇଥାଏ।

- ଋତୁସ୍ରାବ ସମୟରେ ବ୍ୟବହାର କରୁଥିବା ନାପକିନକୁ ୫ରୁ ୭ ଘଣ୍ଟା ମଧ୍ୟରେ ପରିବର୍ତ୍ତନ କରନ୍ତୁ। କାରଣ ଏହା ଅଧିକ ସମୟ ରହିଲେ ସଂକ୍ରମଣ ଆଶଙ୍କା ଥାଏ।

- ମହିଳାମାନେ ସହବାସ ପରେ ଯୌନାଙ୍ଗକୁ ପରିଷ୍କାର କରିବା ଏକାନ୍ତ ଆବଶ୍ୟକ। ନିୟମିତ ପ୍ରଚୁର ପରିମାଣରେ ପାଣି ପିଇଲେ ଏହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହ ସଂକ୍ରମଣରୁ ଦୂରେଇ ରଖିଥାଏ। ଯୌନାଙ୍ଗ ସଂକ୍ରମଣ ହେବା ଦ୍ୱାରା ସର୍ଭିକାଲ କର୍କଟ ହେବାର ଭୟ ରହିଛି। ତେଣୁ ଯଥା ସମ୍ଭବ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଅନ୍ତୁ।

# ଯୁବପିଢ଼ିଙ୍କ ନୂଆ ପାଠ୍ୟକ୍ରମ: ମେସିନ୍ ଲର୍ଣ୍ଣିଙ୍ଗ୍




ଇଉରୋପୀୟ ଓ ଆମେରିକୀୟ ରାଷ୍ଟ୍ରରେ ଫାଷ୍ଟ ଫୁଡ୍ ଦୋକାନ ସପିଂ ମଲ ଓ କେତେକ ଚିକିତ୍ସାଳୟରେ ଆଜିକାଲି ଯନ୍ତ୍ରଚାଳିତ ମାନବ ତଥା ରୋବଟ୍ ହିଁ ସ୍ୱାଗତ କରୁଥିବାର ଦେଖାଯାଉଛି । ଲୋକେ ଏଇ ନୂତନ ରୋବଟ୍ ସେବାକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଏସବୁ ସହ ଆଗେଇବାକୁ ମଧ୍ୟ ପ୍ରସ୍ତୁତ ହେଲେଣି । ଜାପାନର ଏକ ନାମୀ ହୋଟେଲ ୩ବର୍ଷ ତଳେ ହିଁ ୨୦ଟି ରୋବଟ୍‌ଙ୍କୁ କର୍ମଚାରୀ ଭାବେ ନିଯୁକ୍ତି ଦେଇଥିବାର ପ୍ରକାଶ । ହୋଟେଲର ମ୍ୟାନେଜରଙ୍କ ମତରେ ଅନେକ କାମ ସୁରୁଖୁରରେ ହେବା ସହ ଏକ ନିର୍ଦ୍ଦିଷ୍ଟ ସମୟରେ କାମ ସାରିବାକୁ ନେଇ ବ୍ୟତିବ୍ୟସ୍ତ ହେବାର ନାହିଁ । ବିଭିନ୍ନ କମ୍ପାନୀ ଓ କେତକ ବ୍ୟାଙ୍କରେ ରୋବେଟ୍ ଓ ଚ୍ୟାଟବୋଟ୍ ହିଁ ଗ୍ରହକଙ୍କ ଅଧିକାଂଶ ସମସ୍ୟାର ସମାଧାନ କରୁଥିବାର ଦେଖାଯାଉଛି। ବିଶେଷଜ୍ଞଙ୍କ ଦଳଙ୍କ ମତରେ ୨୦୨୦ ସୁଦ୍ଧା ଏହି ଯନ୍ତ୍ରଚାଳିତ ମାନବର ଲୋକପ୍ରିୟତା ଶୀର୍ଷରେ ପହଞ୍ଚିବ ବୋଲି ଅନୁମାନ ରହିଛି। ଏଣୁ ଏହି ରୋବଟ୍ ନିର୍ମାଣ କ୍ଷେତ୍ରରେ ଯୁବପିଢ଼ିଙ୍କ ଅବଦାନ ଆବଶ୍ୟକ ହେଲାଣି । ମେସିନ୍ ଲର୍ଣ୍ଣିଙ୍ଗ ପାଠ୍ୟକ୍ରମ ବୀତିୟ ହେଲେ ହେଁ ଚାକିରୀର ବ୍ୟାପକ ସୁଯୋଗ ଥିବାର ବିଶେଷଜ୍ଞଙ୍କ ମତ ୩ବର୍ଷର ଅନୁଧ୍ୟାନରୁ ଜଣାପଡ଼ିଛି ଯେ ମେସିନ୍ ଲର୍ଣ୍ଣିଙ୍ଗ କ୍ଷେତ୍ରରେ ୩୫ଲକ୍ଷ ନୂତନ ସୁଯୋଗ ବାହାରିଛି । ୨-୪ ବର୍ଷର ଅଭିଜ୍ଞତା ଥିଲେ ଏହି କ୍ଷେତ୍ରରେ ୨୦ଲକ୍ଷ ପ୍ୟାକେଜ ମିଳିଥାଏ ବୋଲି ପ୍ରକାଶ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦାଦନ ସମସ୍ୟା ଓ ନିରାକରଣ

ଦାଦନ ପ୍ରସଙ୍ଗ କିଛି ବର୍ଷ ପରେ ପୁଣି ଫେରିଛି। ସ୍ୱାଧୀନତା ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଶାସକ ଆସିଲେଣି ଗଲେଣି। କିନ୍ତୁ ଏହି ସମସ୍ୟାର ନିରାକରଣ ହୋଇପାରୁନାହିଁ। ନିଜେ ନିଜକୁ ଶାସନ କରିବାର ଆଜି ସାତ ଦଶନ୍ଧି ବିତିସାରିଛି ଏବଂ ଏପରିକି ସ୍ୱତନ୍ତ୍ର ଓଡ଼ିଶା ଗଠନର ଆଉ ଗୋଟାଏ ଦଶନ୍ଧି ପରେ ଶତବାର୍ଷିକୀ ପାଳନ କରିବାକୁ ଯାଉଛି। କିନ୍ତୁ ନିଜ ଅଞ୍ଚଳରେ ଆଶାନୁରୂପ ରୋଜଗାର ସୁଯୋଗ ସୃଷ୍ଟି କରିବାରେ ଶାସନ ବ୍ୟବସ୍ଥା ସଫଳ ହୋଇପାରିନାହିଁ। ଯାହାଫଳରେ ଜନସାଧାରଣ ରୋଜଗାର ଅନ୍ୱେଷଣରେ ଦେଶାନ୍ତରିତ ହେବାକୁ ବାଧ ହେଉଛନ୍ତି। ସ୍ୱାଧୀନତା ପରେ ଜନସାଧାରଣଙ୍କ ମନରେ ଭଲରେ ଚଳିବା ପାଇଁ ଏକ ଚେତନା ଉଦ୍ରେକ ହେଲା। କିନ୍ତୁ ନିଜ ଗାଁ କିମ୍ବା ସହରରେ ସ୍ୱାଭିମାନ ସହ ବଞ୍ଚିବା ପାଇଁ ଅର୍ଥର ଅଭାବ ରହିଲା। ତେଣୁ କାମଧନ୍ଦା ଅନ୍ୱେଷଣରେ ସେମାନେ ସ୍ଥାନାନ୍ତର ହେଲେ, ଯାହାକୁ ଆମ ସଭ୍ୟସମାଜ 'ଦାଦନ'ର ଆଖ୍ୟା ଦେଲା। କେବେ କେହି ଚାହିଁ ନଥାଏ ନିଜର ଜନ୍ମଭୂମିକୁ ଛାଡ଼ିଯିବାକୁ। କିନ୍ତୁ ବାଧବାଧକତାରେ ସେହି ପଦକ୍ଷେପ ନେବାକୁ ହୁଏ। କାରଣ ଯାହା ବି ଥାଉ ନା କାହିଁକି ଆମ ସ୍ୱାଧୀନତାର ବୟସ ଯେତେ ଯେତେ ବଢ଼ି ଚାଲିଛି ସେତେସେତେ ଏହି ସମସ୍ୟା ବଢ଼ି ଚାଲିଛି। ସ୍ୱାଧୀନତା ପୂର୍ବରୁ ଓ ପରବର୍ତ୍ତୀ ସମୟରେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଅନେକ ଯୋଜନା ପ୍ରଣୟନ ହୋଇଛି। କିନ୍ତୁ ତାହା ଦାଦନ ସମସ୍ୟା ସମାଧାନରେ ସଫଳ ହୋଇପାରିନାହିଁ। ବର୍ତ୍ତମାନ ରାଜ୍ୟରେ ନୂଆ କରି ଶାସନ କ୍ଷମତାକୁ ଆସିଥିବା ସରକାର ଦାଦନ ସମସ୍ୟାର ନିରାକରଣ ସକାଶେ ଅଣ୍ଟା ଭିଡ଼ିଛନ୍ତି। ସେଥିପାଇଁ ଗଠନ ହୋଇଛି ଏକ ଟାକ୍ସଫୋର୍ସ, ଯେଉଁଥିରେ ରହିଛନ୍ତି ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସହିତ ସଚିବମାନେ। ଏହି ଟାକ୍ସଫୋର୍ସର ବୈଠକ ଅନ୍ତତଃ ପକ୍ଷେ ୬ ମାସରେ ଥରେ ନିଶ୍ଚୟ ବସିବ ଏବଂ ଦାଦନ ଶ୍ରମିକଙ୍କ ସମସ୍ୟାର ସମାଧାନ କେତେଦୂର ସଫଳତା ସହ କାର୍ଯ୍ୟକାରୀ କରାଯାଇ ପାରୁଛି ସମୀକ୍ଷା କରିବ ବୋଲି ସରକାରୀ ଭାବେ କୁହାଯାଇଛି। ଦାଦନ ସମସ୍ୟାର ମୂଳ କାରଣ ଓ ଏହାର ନିରାକରଣ କେମିତି ସମ୍ଭବ ହୋଇପାରିବ ତାହାର ସୂତ୍ର ଖୋଜିବା ପାଇଁ ସମସ୍ତ ପଦାଧିକାରୀ ଦାଦନପ୍ରବଣ ଜିଲ୍ଲାକୁ ଗସ୍ତ କରିବେ ବୋଲି ପ୍ରାକ୍ ସୂଚନା ମିଳିଛି। ଯଦି ଏହାଦ୍ୱାରା ଦାଦନ ସମସ୍ୟାର ଚିରସ୍ଥାୟୀ ସମାଧାନ ହୋଇପାରିଲା ତେବେ ସ୍ୱାଗତଯୋଗ୍ୟ। କେବଳ ଦେଖିବାକୁ ରହିଲା ଏହି ଟାକ୍ସଫୋର୍ସ ଏ ଦିଗରେ କେତେଦୂର ସଫଳ ହେଉଛି। ପୂର୍ବ ସରକାରମାନେ ଯେ ଏ ଦିଗରେ କାର୍ଯ୍ୟ କରି ନଥିଲେ ତା'ନୁହେଁ। ଦାଦନ ସମସ୍ୟାର ସମାଧାନ ପାଇଁ ଅତୀତରେ ଅନେକ ଆଇନ ପ୍ରଣୟନ ହେବା ସହିତ ଶ୍ରମିକ କଲ୍ୟାଣ ନିମନ୍ତେ ଗାଁରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଭଳିକି ଦାଦନ ଶ୍ରମିକଙ୍କୁ ବିଭିନ୍ନ ଉପାୟରେ ସରକାରଙ୍କ ଦ୍ୱାରା ଜିଲ୍ଲାସ୍ତରରେ ଶ୍ରମଭିତ୍ତିକ ରୋଜଗାର ଏବଂ ସ୍ୱାବଲମ୍ବୀ କରିବା ଦିଗରେ ଋଣ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏତେସବୁ ଯୋଜନା ପରେ ମଧ ଜନସାଧାରଣ ସହରୀମୁହାଁ ହେବା ନିଶ୍ଚୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପୃଷ୍ଠଭୂମିରେ ଟାକ୍ସଫୋର୍ସର କାମ ହେବ ଯୋଜନା ପ୍ରଣୟନ ଦିଗରେ ରହିଥିବା ଅସୁବିଧା। ବିଶେଷ ଭାବରେ ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଇତ୍ୟାଦି ଜିଲ୍ଲା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହି ଦାଦନ ପ୍ରବଣ ଜିଲ୍ଲା ସହିତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରୁ ମଧ ବର୍ତ୍ତମାନ ହଜାର ହଜାର ଲୋକ ଦେଶାନ୍ତରିତ ହେଉଥିବା ଜଣାଯାଏ। ପୂର୍ବରୁ ଯୁବକଯୁବତୀମାନେ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିବା ବେଳେ ଏବେ କିଶୋରକିଶୋରୀମାନେ ମଧ ଏଥିରେ ସାମିଲ ହୋଇଥିବା ଦେଖିବାକୁ ମିଳୁଛି। ଓଡ଼ିଶାରୁ ଯାଉଥିବା ଦାଦନ ଶ୍ରମିକମାନେ ମୁଖ୍ୟତଃ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଗୁଜୁରାଟ, ତାମିଲନାଡୁ, କେରଳ, ମହାରାଷ୍ଟ୍ର ଆଦି ରାଜ୍ୟକୁ ବହୁଳ ଭାବରେ ଯାଇ ସେଠାରେ ଇଟାଭାଟି, ବିଭିନ୍ନ ପ୍ରତିଷ୍ଠାନ, ହୋଟେଲ ଆଦିରେ କାମ କରୁଥିବା ଦେଖାଯାଏ। ଦାଦନ ଶ୍ରମିକଙ୍କ ଭିତରୁ ଅନେକ ପଶ୍ଚିମାଞ୍ଚଳର ଅନୁସୂଚିତ ଜାତିର। ଉକ୍ତ ଦାଦନ ପ୍ରବଣ ଜିଲ୍ଲାଗୁଡ଼ିକରେ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ବୈଦେଶିକ ପୁଞ୍ଜିନିବେଶ ଆସି ପାରିନାହିଁ। ସରକାରୀ ଉଦ୍ୟୋଗ ଓ ଶିଳ୍ପ ପ୍ରତିଷ୍ଠାନ ସଂଖ୍ୟା ମଧ ଆଶାନୁରୂପ ନୁହେଁ। ପର୍ଯ୍ୟଟନ ଶିଳ୍ପ ପ୍ରତି ସେତେଟା ଧ୍ୟାନ ଦିଆଯାଇନାହିଁ କହିଲେ ଚଳେ। ଫଳରେ ଉକ୍ତ ଅଞ୍ଚଳରେ ଉତ୍ତମ ରୋଜଗାର ସକାଶେ ସୁଯୋଗ ରହିଥିଲେ ମଧ ଜନସାଧାରଣ ବେରୋଜଗାର ହେଉଛନ୍ତି।

## କାର୍ତ୍ତିକ ମହାତ୍ମ୍ୟ

### ହେମନ୍ତ କୁମାର ପରିଡ଼ା



ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି। କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ। କୁମାର ପୂର୍ଣ୍ଣିମା ପରଦିନଠାରୁ କାର୍ତ୍ତିକ ମାସର ଆରମ୍ଭ ହୋଇଥାଏ। ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତ୍ତିକ। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ କରିଥାନ୍ତି। ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ଆରମ୍ଭ ହୁଏ। ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧାତ୍ମିକ ବିଶ୍ୱାସ ଆସେ ଯେ ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି। ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଭକ୍ତିର ସହ ଜପ କରିଥାନ୍ତି।

କାର୍ତ୍ତିକ ମାସରେ ପ୍ରାତଃସ୍ନାନ କଲେ ସମସ୍ତ ବିଘ୍ନ ନାଶ ଏବଂ ମନୋବାଞ୍ଛା ପୂରଣ ହୋଇଯାଏ ବୋଲି ପଦ୍ମପୁରାଣରେ ଉଲ୍ଲେଖ ଅଛି। ବାସ୍ତବରେ କାର୍ତ୍ତିକ ମାସରେ ପ୍ରତ୍ୟୁଷରୁ ଯେଉଁ ବ୍ରତୀ ପୁଷ୍କରିଣୀରେ ସ୍ନାନ କରେ ସେ ପାଞ୍ଚଗୁଣ ଧର୍ମଫଳ ପ୍ରାପ୍ତ ହୁଏ। ଏହି ସ୍ନାନ ପରେ ପରିଧାନ କରୁଥିବା ବସ୍ତ୍ରର ବର୍ଣ୍ଣ ବିଶେଷକରି ଶୁକ୍ଳ ଏବଂ ହଳଦିଆ ହୋଇଥିବା ବିଧେୟ। ଅନ୍ୟବର୍ଣ୍ଣର ବସ୍ତ୍ର ପରିଧାନ କରି ଦେବ ମନ୍ଦିରକୁ ଗଲେ ସିଦ୍ଧିଲାଭ ହୋଇନଥାଏ। ଏହି ମାସରେ ପଳାଶ ପତ୍ରର ଗୁରୁତ୍ୱ ସର୍ବାଧିକ ଅନୁଭବ କରାଯାଇଥାଏ ବୋଲି ବିଶ୍ୱାସ ଅଛି। ଏହା ବ୍ରହ୍ମାଙ୍କ ସ୍ୱରୂପ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। କାର୍ତ୍ତିକ ମାସରେ ଅରୁଣୋଦୟରେ ଜାଗରଣ ପୂର୍ବକ ଶଯ୍ୟାତ୍ୟାଗ, ତିଳଦାନ, ସତ୍‌କଥା ଶ୍ରବଣ, ବୈଷ୍ଣବ ଜନସମ୍ପର୍କ, ସାଧୁସେବା, ସର୍ବକାମଦ ମୁକ୍ତିଦାୟକ ପଳାଶ ପତ୍ରରେ ଭୋଜନ କରି ଦାମୋଦରଙ୍କ ପୂଜାର୍ଚ୍ଚନା କଲେ ଗୋସହସ୍ର ଦାନର ଫଳ ଲାଭ ହୁଏ। ପୁରାଣ କଥାବସ୍ତୁ ଅନୁସାରେ, ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥିତ ଅଛି, ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରଙ୍କୁ ବଧ କରି ବ୍ରହ୍ମାଣ୍ଡକୁ ରକ୍ଷା କରିଛନ୍ତି। ଏ ମାସରେ ଦେବୀ ଗଙ୍ଗା ବା ଗଙ୍ଗାନଦୀ ସମସ୍ତ ନଦୀ, କେନାଲ, ପୁଷ୍କରିଣୀ ଆଦିରେ ପ୍ରବେଶ କରିଥାନ୍ତି। ତେଣୁ ଗଙ୍ଗାନଦୀ ଭଳି ଏମାନେ ବି ପବିତ୍ର ହେବାର ସୁଯୋଗ ଲାଭ କରନ୍ତି। ପୁଣ୍ୟ ମାସ କାର୍ତ୍ତିକରେ ନଦୀରେ ସ୍ନାନ କରି ଭକ୍ତମାନେ ଶିବଙ୍କର ଉପାସନା କରିଥାନ୍ତି। ଯାହାକୁ କି କାର୍ତ୍ତିକ ସ୍ନାନ କୁହାଯାଏ। ହିନ୍ଦୁ ପରମ୍ପରାରେ କାର୍ତ୍ତିକ ସ୍ନାନର ଏକ ସ୍ୱତନ୍ତ୍ରତା ରହିଛି। କାର୍ତ୍ତିକ ମାସରେ ଜଳ ପୃଥିବୀ ପୃଷ୍ଠରୁ ଅଧିକ ଚୁମ୍ବକୀୟ ଶକ୍ତି ସଂଗ୍ରହ କରିଥାଏ। ଏହା ସୂର୍ଯ୍ୟୋଦୟ ଆଗରୁ ଘଟେ ବୋଲି କେତେକ ବୈଜ୍ଞାନିକ କାରଣ ରହିଛି। ଫଳତଃ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ଆଗରୁ ସ୍ନାନ କରିବା ବିଧେୟ। ପ୍ରବାହିତ ହେଉଥିବା କୌଣସି ଏକ ଜଳାଶୟରେ କାର୍ତ୍ତିକ ମାସରେ ୧୫ ମିନିଟ୍ ଗାଧୋଇଲେ ପେଟ ସମ୍ବନ୍ଧୀୟ ସମସ୍ୟା, ଲିଭର ସମସ୍ୟା ଭଳି ରୋଗରୁ ମଣିଷ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରେ। ଏହା ଚୁମ୍ବକୀୟ ଥେରାପି ହେତୁ ହୋଇଥାଏ। କାର୍ତ୍ତିକ ମାସକୁ ରାଇ ଦାମୋଦର ମାସ ବି କୁହାଯାଏ। କାରଣ ଏହି ମାସରେ ବିଷ୍ଣୁଙ୍କ ଆରାଧନା କରାଯାଇଥାଏ। ଯେଉଁମାନେ ତିରିଶ ଦିନ ଯାକ ପୂଜାବିଧି କରିନପାରନ୍ତି ସେମାନେ ଅତି କମ୍‌ରେ ଦଶ ଦିନ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣ କରନ୍ତି। କାର୍ତ୍ତିକ ମାସ ଭଳି ଧର୍ମୀୟ ମାସ ଆଉ ନଥିବା କଥା ପୁରାଣରେ ବର୍ଣ୍ଣିତ। ଉଭୟ ମହାଦେବ ଏବଂ ବିଷ୍ଣୁଙ୍କର ଏହା ଅତିପ୍ରିୟ ମାସ। ଦୀପଦାନ : ଏ ମାସର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଦୀପଦାନ। ଭଗବାନଙ୍କୁ ଦୀପ, ପୁଷ୍ପ, ଭୋଗ ଅର୍ପଣ କରାଯାଇ ଭକ୍ତ ନିଜର ଗୁହାରି ଜଣାଇଥାଏ। ତେଣୁ ଏହି ମାସରେ ମନ୍ଦିରରେ ଦୀପ ଜାଳିଲେ ଅଧିକ ପୁଣ୍ୟଲାଭ ହୁଏ। ହିନ୍ଦୁ ମହିଳାମାନେ କାର୍ତ୍ତିକ ଶୁକ୍ଳ ପଞ୍ଚମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚଉରା ଉପରେ ଠାକୁରଙ୍କ ଉଦ୍ଦେଶ୍ୟରେ ଏକ ଠେକିରେ ଦୀପକୁ ରଖି ପ୍ରଜ୍ୱଳିତ କରାଯାଇଥାଏ। ଏହା ଦୀର୍ଘ ସମୟ ଧରି ଜଳିଥାଏ। ଏହାକୁ ଆକାଶ ଦୀପ ବୋଲି କୁହାଯାଇଥାଏ।

କାର୍ତ୍ତିକ ପୂର୍ଣ୍ଣିମା : କାର୍ତ୍ତିକ ପୂର୍ଣ୍ଣିମା ଦିନସାରା ଓଷା, ବ୍ରତ ପାଳନ କରାଯାଇଥାଏ। ମହାଦେବଙ୍କ ପାଖରେ ଦିନଟି ସବୁଠାରୁ ଅଧିକ ଧର୍ମ, ପୁଣ୍ୟ ଅର୍ଜନ କରିବାର ଦିବସ। କାର୍ତ୍ତିକ ପୂର୍ଣ୍ଣିମା ସହ ତାରକାସୁର କାହାଣୀ ଜଡ଼ିତ। ମହାଦେବଙ୍କ ପୁତ୍ର କାର୍ତ୍ତିକ ତାରକାସୁରକୁ ଏହି ଦିନ ବଧ କରିଥିଲେ। ଅପରପକ୍ଷେ ଭଗବାନ ବିଷ୍ଣୁଙ୍କ ମତ୍ସ୍ୟ ଅବତାରକୁ ମଧ ଏହି ଦିନରେ ସ୍ମରଣ କରାଯାଇଥାଏ। ଭକ୍ତ ମନୁଙ୍କୁ ରକ୍ଷା କରିବା ପାଇଁ ଏହି ପୂର୍ଣ୍ଣିମାରେ ବିଷ୍ଣୁ ମତ୍ସ୍ୟ ରୂପ ଧାରଣ କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି। ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସମସ୍ତ ନରନାରୀ ନଦୀସ୍ନାନ କରି ଡଙ୍ଗା ଭସାଇଥାନ୍ତି। ଏହାପରେ ନିଜର ସୁଖ, ସମୃଦ୍ଧି ପାଇଁ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥାନ୍ତି। ଏହିଦିନ ଠାରୁ ବଣିକମାନେ ବିଦେଶକୁ ବେପାର ବଣିଜ ପାଇଁ ନିଜର ଯାତ୍ରା ଆରମ୍ଭ କରିଦିଅନ୍ତି। ନାଗ ଚତୁର୍ଥୀ : ଦୀପାବଳି ଅମାବାସ୍ୟାର ଚାରିଦିନ ପରେ ନାଗ ଚତୁର୍ଥୀ ପଡ଼େ। ଏହି ଦିନ ନାଗ ଦେବତାଙ୍କ ପୂଜା କରାଯାଇଥାଏ। ପରେ ପରେ ନାଗ ପଞ୍ଚମୀ, ନାଗଷଷ୍ଠୀ ପାଳନର ବିଧି ରହିଛି। କାର୍ତ୍ତିକ ଏକାଦଶୀ : କାର୍ତ୍ତିକ ମାସରେ ଏକାଦଶୀ ପାଳନ ବି ହିନ୍ଦୁ ଭକ୍ତମାନଙ୍କ ପାଇଁ ବେଶ ମଙ୍ଗଳଦାୟକ। ନୈବେଦ୍ୟ ଭଗବାନଙ୍କୁ ଅର୍ପଣ କରି ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଏ।

ସୋମବାର ବ୍ରତ : କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାରରେ ବ୍ରତ ରଖିବା ଦ୍ୱାରା ଭକ୍ତର ଜୀବନକାଳରେ ସୁଖ, ସମୃଦ୍ଧି ସହ ମୃତ୍ୟୁ ପରେ ସ୍ୱର୍ଗପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଭଗବାନଙ୍କୁ ଦର୍ଶନ କରିବା ସହ ଶିବଙ୍କ ନାମ ଜପ କରିବାକୁ ପଡ଼େ। ଏହାବ୍ୟତୀତ ପୂର୍ଣ୍ଣିମା ପୂର୍ବଦିନ ଓଡ଼ିଆ ମହିଳାମାନେ ବଡ଼ଓଷା ବ୍ରତ ପାଳନ କରିଥାନ୍ତି। ଏହିଦିନ ଗଜପିଠା ପ୍ରସ୍ତୁତ କରାଯାଇ ଭଗବାନଙ୍କ ଉଦ୍ଦେଶ୍ୟରେ ଭୋଗ କରାଯାଇଥାଏ। କାର୍ତ୍ତିକ ପୂର୍ଣ୍ଣିମାର ପୂର୍ବ ପାଞ୍ଚଦିନ ଅର୍ଥାତ୍ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିନଗୁଡ଼ିକୁ ପଞ୍ଚୁକ ଭାବେ ପାଳନ କରାଯାଏ। ଏହି ପାଞ୍ଚଦିନ ପ୍ରତ୍ୟୁଷରୁ ଦେବୀ ବୃନ୍ଦାବତୀଙ୍କ ନିକଟରେ ମହିଳାମାନେ ମୁରୁଜ ପକାଇ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥାନ୍ତି। ସମୁଦାୟ ମାସ ମଧ୍ୟରୁ ଏହି ପାଞ୍ଚଦିନର ଗୁରୁତ୍ୱ ଯଥେଷ୍ଟ ଅଧିକ। ଲୋକ ବିଶ୍ୱାସ ରହିଛି ଯେ, ପଞ୍ଚୁକରେ ମନୁଷ୍ୟ ବ୍ୟତୀତ କେତେକ ପଶୁପକ୍ଷୀ ଏପରିକି ବଗ ମଧ ଆମିଷ ଆହାର ବର୍ଜନ କରିଥାଏ।

ହବିଷ : ବିଧବା ମହିଳାମାନେ ବେଶ ନିଷ୍ଠାପର ସହକାରେ କାର୍ତ୍ତିକ ମାସକୁ ଅପେକ୍ଷା କରି ରହିଥାନ୍ତି। କାରଣ ଏହି ମାସର ମୁଖ୍ୟ ତଥା ପ୍ରଧାନ ବ୍ରତ କହିଲେ ହବିଷ୍ୟାଳିଙ୍କ ବ୍ରତ ଉପାସନାକୁ ବୁଝାଯାଏ। ବର୍ଷଯାକର ଅଭିଳାଷକୁ ଈଶ୍ୱରଙ୍କ ପାଖରେ ସମର୍ପିତ କରିବା ପାଇଁ ଏଇ ମାସରେ ଧର୍ମ ଓ ପୁଣ୍ୟ କାମ କରିବାକୁ ସମସ୍ତେ ତତ୍ପର ହୋଇଉଠନ୍ତି। ଏଥିପାଇଁ ହବିଷ୍ୟାଳିମାନେ ପୁରୀ ଶ୍ରୀମନ୍ଦିରରେ ମାସ ସାରା ରହି ହବିଷ୍ୟାନ୍ନ ଭୋଜନ କରିବା ସହ ପୂଜାବିଧି ଓ ରୀତିନୀତିକୁ ଶୃଙ୍ଖଳାର ସହ ପାଳନ କରିଥାନ୍ତି। ମଣିଷ ନିଜର ଆତ୍ମା ଶରୀରର ପବିତ୍ରତା ପାଇଁ କାର୍ତ୍ତିକ ମାସକୁ ପୁଣ୍ୟ ଏକ ସେତୁ ଭାବେ ଗ୍ରହଣ କରିଥାଏ।


+ ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି, ସେକ୍ଟର-୧୦, ସିଡିଏ, କଟକ,
ମୋ: ୮୭୬୩୧୦୭୧୨୬


## ଜୟୀ ରାଜଗୁରୁ

### ଡ଼ଃ.ଅରୁନ୍ଧତୀ ଦେବୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ସଂଗ୍ରାମୀଙ୍କ ମଧ୍ୟରେ ସହିଦ ଜୟୀରାଜଗୁରୁ ଅନ୍ୟତମ। ସମଗ୍ର ଭାରତବାସୀ ପରାଧୀନତାର ଶିକୁଳିରେ ସନ୍ତୁଳି ହେଉଥିବାବେଳେ ଓଡ଼ିଶାରେ ପାଇକ ବିଦ୍ରୋହର ବହ୍ନି ଜଳିଥିଲା, ଯାହାର ନେତୃତ୍ୱ ନେଇଥିବା ମହାନାୟକଙ୍କ ମଧ୍ୟରେ ଜୟୀ ରାଜଗୁରୁ ଥିଲେ ଅନ୍ୟତମ। ଗୋରା ଶାସକ ବିରୋଧରେ ଉତ୍କଳର ପ୍ରତିଟି ପ୍ରାଣରେ ସେ ବିପ୍ଳବର ବହ୍ନି ଜାଳିଥିଲେ। ତାଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର, କିନ୍ତୁ ଓଡ଼ିଶାବାସୀଙ୍କ ପାଇଁ ସେ ଜୟୀ ରାଜଗୁରୁ। ସେ ଜଣେ ମେଧାବୀ ଛାତ୍ର ଥିଲେ। ବେଦ, ପୁରାଣ ଓ ଶାସ୍ତ୍ର ଅଧ୍ୟୟନ କରି କେବଳ ବଂଶ ପରମ୍ପରା ରାଜ ପୁରୋହିତ ନଥିଲେ, ଶାସ୍ତ୍ର ବିଶାରଦ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଭାବେ ମଧ ପ୍ରସିଦ୍ଧି ଅର୍ଜନ କରିଥିଲେ। ଉତ୍କଳର ତତ୍କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ଓ ଉପଦେଷ୍ଟା କରିବାକୁ ଚାହୁଁଥିଲେ। ବାପାଙ୍କ ଅନ୍ତେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କ ରାଜସଭାରେ ସେ ରାଜଗୁରୁ ତଥା ମନ୍ତ୍ରୀ ଭାବେ ପ୍ରତିଷ୍ଠିତ ହୋଇଥିଲେ। ତା ପରେ ସେ ରାଜଗୁରୁ ପାଲଟିଗଲେ। ଖୋର୍ଦ୍ଧା ରାଜାଙ୍କୁ ଉତ୍କଳର ଶାସକ ଭାବେ ପ୍ରତିଷ୍ଠିତ କରିବା ପାଇଁ ସେ ଉଦ୍ୟମ ଚଳାଇଥିଲେ। ୧୮୦୩ରେ ଇଂରେଜମାନେ ଓଡ଼ିଶା ଅକ୍ତିଆର କରିବା ପରେ ଖୋର୍ଦ୍ଧା ରାଜାଙ୍କଠାରୁ କର ମାଗିଲେ ଏବଂ ସେମାନଙ୍କ ବଶତା ସ୍ୱୀକାର କରିବାକୁ ବାଧ କଲେ। ରାଜଗୁରୁଙ୍କ ସ୍ୱାଭିମାନକୁ ଏହା କଠୋର ଆଘାତ ଦେଲା। ଫିରିଙ୍ଗି ଆଗରେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ପଣ କରି ପ୍ରତ୍ୟେକ ଘରୁ ଜଣକୁ ସୈନିକ କରି ସେ ନିଜ ସୈନ୍ୟବାହିନୀରେ ମିଶାଇଲେ। ବାହ୍ୟ ଆକ୍ରମଣରୁ ରକ୍ଷା କରିବା ପାଇଁ ସେ ବରୁଣେଇ ଗଡ଼କୁ ସୁଦୃଢ଼ କରିଥିଲେ। ଇଂରେଜ ବିରୁଦ୍ଧରେ ଗରିଲା ଯୁଦ୍ଧକୌଶଳ ରାଜଗୁରୁ ଆରମ୍ଭ କରିଥିବା କୁହାଯାଏ। ଇଂରେଜମାନେ ଶେଷରେ ଦେଶଦ୍ରୋହୀଙ୍କୁ ପ୍ରଲୋଭିତ କରି ରାଜଗୁରୁଙ୍କୁ ବନ୍ଦୀ କରିବା ସହ ଓଡ଼ିଶାର ଶେଷ ସ୍ୱାଧୀନ ଦୁର୍ଗ ଅକ୍ତିଆର କରିନେଲେ। ୧୮୦୬ରେ ତାଙ୍କୁ ବିଚାର ପାଇଁ ମେଦିନୀପୁର ପଠାଇ ଦିଆଗଲା। ବିଚାର ପରେ ଡିସେମ୍ବର ୬ରେ ତାଙ୍କୁ ଅମାନୁଷିକ ଭାବେ ହତ୍ୟା କରାଗଲା। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଗୋରା ଶାସକଙ୍କ ଆଗରେ ମୁଣ୍ଡ ନୁଆଁଇନଥିବା ଜୟୀ ରାଜଗୁରୁଙ୍କ ଅବଦାନକୁ ଓଡ଼ିଶା ମାଟି ଚିରକାଳ ଝୁରିବ, ଏଥିରେ ସନ୍ଦେହ ନାହିଁ। ୧୭୩୯ ଅକ୍ଟୋବର ୨୯ଅଁଳା ନବମୀ ଦିନ ପୁରୀ ଜିଲ୍ଲାର ହରେକୃଷ୍ଣପୁର ଗ୍ରାମରେ ଜୟୀ ରାଜଗୁରୁ ଜନ୍ମ ଗ୍ରହଣ କରିଥିଲେ।




ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦


## ୱାର୍ଲଡ଼ ଷ୍ଟ୍ରୋକ୍ ଡେ'

### ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ଅକ୍ଟୋବର ୨୯ରେ ପାଳନ କରାଯାଏ ୱାର୍ଲଡ଼ ଷ୍ଟ୍ରୋକ ଡେ। ମସ୍ତିଷ୍କାଘାତ ବା ହୃଦ୍‌ଘାତ ବାବଦରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସର ସୃଷ୍ଟି। ୨୦୦୬ରୁ ୱାର୍ଲଡ଼ ଷ୍ଟ୍ରୋକ୍ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଏହା ପାଳନ କରାଯାଉଛି। କାନାଡ଼ିଆନ୍ ନ୍ୟୁରୋସାଇନ୍‌ଟିଷ୍ଟ ଡ.ଭ୍ଲାଦିମିର ହାସିନ୍‌ସ୍କି, ପ୍ରଥମେ ଏଥିପାଇଁ ପ୍ରସ୍ତାବ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ଷ୍ଟ୍ରୋକ୍ ବିଶ୍ୱରେ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା। ବାର୍ଷିକ ପ୍ରାୟ ଦେଢ଼ କୋଟି ମଣିଷ କୌଣସି ନା କୌଣସି ପ୍ରକାରର ଷ୍ଟ୍ରୋକ୍‌କୁ ସାମ୍ନା କରୁଛନ୍ତି। ନିତିଦିନିଆ ଜୀବନରେ ଆମେ ଦେଖିବାକୁ ପାଉଛେ ଅନେକ ଅନଭ୍ୟସ୍ତ ଜୀବନ ଶୈଳୀ ଓ ବେପରୁଆ ଖାଦ୍ୟପେୟ, ବିଶ୍ରାମ ଷ୍ଟ୍ରୋକର ବଡ଼ କାରଣ। ମନେରଖନ୍ତୁ ପ୍ରତିଦିନ ପ୍ରାତଃ ଭ୍ରମଣ ଅଭ୍ୟାସ ଖୁବ ଭଲ। ସର୍ବପ୍ରଥମେ ନିଜ ପାଇଁ ଏକ ଭଲ ରୁଟିନ ଜୀବନ ନିଜେ ହିଁ ତିଆରି କରନ୍ତୁ। ସୁଷମ ଖାଦ୍ୟ, ତଟକା ପନିପରିବା ସବୁଠାରୁ ଭଲ। ଆମିଷ ନଖାଇଲେ ଚଳିବ ତେବେ ଖାଉଥିଲେ ଦେଶୀମାଛ ବା ଦେଶୀ ଅଣ୍ଡା ଖାଆନ୍ତୁ। କୌଣସି ପ୍ରକାର ନିଶାଦ୍ରବ୍ୟ ସହ ସମ୍ପର୍କ ରଖନ୍ତୁ ନାହିଁ। ରାତିରେ ନିଶ୍ଚିତ ଭାବରେ ସାତରୁ ଆଠଘଣ୍ଟା ବିଶ୍ରାମ ନିଅନ୍ତୁ। ସକାଳ ଜଳଖିଆ ଖାଇବା ପାଇଁ ଭୁଲନ୍ତୁ ନାହିଁ। ବଜାରର ତଥାକଥିତ ଫାଷ୍ଟଫୁଡ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିବା ଭଲ ଅଭ୍ୟାସ। ଯୋଗ, ପ୍ରାଣାୟାମ ଓ ବ୍ୟାୟାମ ଆପଣଙ୍କ ପାଇଁ ଅମୃତ ମହୋଷୌଧି ପରି କାମ କରିଥାଏ ବୋଲି ଭୁଲନ୍ତୁ ନାହିଁ। ରାତ୍ରି ଭୋଜନ ନଅଟା ଭିତରେ ସାରନ୍ତୁ ଏବଂ ବିଶ୍ରାମକୁ ଯିବା ପୂର୍ବରୁ କିଛି ସମୟ ପଦ ଚାଳନା କରନ୍ତୁ। ଜୀବନ ଅଛି ତ ସମସ୍ୟା ରହିବ ନିଶ୍ଚୟ ତେବେ ଅନାବଶ୍ୟକ ଟେନସନ ରୁହନ୍ତୁ ନାହିଁ କି କାହାକୁ ଟେନସନ ଦିଅନ୍ତୁ ନାହିଁ। ଘଣ୍ଟା ଘଣ୍ଟା ଧରି ସୋସିଆଲ ମିଡ଼ିଆରେ ନିଜକୁ ବ୍ୟସ୍ତ ରଖନ୍ତୁ ନାହିଁ। ନିଜ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ। ନିଜ ପାଇଁ ନିଜ ପରିବାର ପାଇଁ କିଛି ସମୟ ରଖନ୍ତୁ। ଷ୍ଟ୍ରୋକ ସେପରି ଏକ ବିରାଟ ବଡ଼ ରୋଗ ନୁହେଁ ଏବଂ ଏହାର ଚିକିତ୍ସା ମଧ ଆପଣଙ୍କ ହାତରେ ରହିଛି। ନିଜେ ହିଁ ଆପଣ ଏହି ରୋଗକୁ ନିମନ୍ତ୍ରଣ କରିବେ ଏବଂ ନିଜେ ଚାହିଁଲେ ଏହାକୁ ବିଦାୟର ରାସ୍ତା ତ ଦେଖାଇପାରିବେ କିନ୍ତୁ ନିମନ୍ତ୍ରଣ ନଦେବା ପାଇଁ ନିଜେ କିଛି ଉପାଦେୟ ସ୍ୱାସ୍ଥ୍ୟ ରୁଟିନ ନିଜ ପାଇଁ ହିଁ ତିଆରି କରନ୍ତୁ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭





## ବାତ୍ୟାର ବହପ

### ନିରଞ୍ଜନ ସାହୁ



ବାତ୍ୟାର ବହପ ବର୍ଷକୁ ଦି 'ଥର
ଦେଖାଏ ଆପଣା ଭାଉ
ଖରାଛୁଟି ଆଉ ପୂଜାଛୁଟି ବେଳେ
କେତେ ସହିବ ତା ଦାଉ ?

ଲାଗୁଅଛି ଏବେ ଓଡ଼ିଶା ଯେପରି
ବାତ୍ୟାର ଯେ ମାମୁଁଘର
ଛୁଟି କଟାଇବା ପାଇଁକି ଦି 'ଥର
ଆସିବାକୁ ତରବର
ବୁଝେନାହିଁ ସିଏ ମାମୁଁଘର ଦୁଃଖ
ଜରେ ଆସି ହାଉହାଉ ।

ମାମୁଁଘର ବାତ୍ୟା ଆସିବା ଖବର
ଯେତେବେଳେ ପଡ଼େ ଜଣା
ଦୁଷ୍ଟପିଲା ପରି ଉତ୍ପାତ କରଇ
ଏକଥା ସଭିଙ୍କୁ ଜଣା
ଯେତେ ହୁସିଆର ହୋଇଲେ ବି ସିଏ
ଉତ୍ପାତ କରଇ ଆଉ ।

ତାହାରି କବଳୁ ରକ୍ଷା ମିଳେନାହିଁ
ନିଶ୍ଚେ କ୍ଷୟକ୍ଷତି କରେ
ଅଧାବାଟରୁ ସେ କେବେ ଫେରେନାହିଁ
ନ ପହଞ୍ଚି ମାମୁଁଘରେ
କିଛି ଶୁଣେନାହିଁ କିଛି ମାନେନାହିଁ
ଯିଏ ତ ଯେମିତି ଥାଉ ।

ବାତ୍ୟା ଆସିଗଲେ ସଭିଏଁ ଡରନ୍ତି
ଡରିବାକୁ ସର୍ବେ ବାଧ
ବାତ୍ୟାକୁ କିଏସେ ଶାସନ କରିବ
କାହାର ବା ଅଛି ସାଧ
ମାମୁଁଘର ଲୋକେ ଭାବନ୍ତି ଭଣଜା
ଆଉ କେଉଁଆଡ଼େ ଯାଉ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩


## ଆନ୍ଦୋଳିତ କରୁଥିବା କିଛି ମୁହୂର୍ତ୍ତ

### ଡ. ଦୀପକ କୁମାର ମିଶ୍ର



ଅଙ୍କାବଙ୍କା ରାସ୍ତାରେ
କଦବାୟ କେମିତି
କିଛି ମୁହୂର୍ତ୍ତମାନେ
ପଛକୁ ଫେରିଚାହାଁନ୍ତି
ଯେଉଁମାନଙ୍କୁ ମେଲାଣି ଦିଆସରିଛି
ଯୌବନର ଦୋ ଛକିରେ
ଠିକ୍ ସୂର୍ଯ୍ୟଦୋୟ ପୂର୍ବରୁ ।

ସେମାନଙ୍କୁ ନା ପୁନର୍ବାର
ହାତ ଠାରି ଡାକିହୁଏ
ନା କହିହୁଏ ଫେରିଚାହଁନା ବୋଲି
ଖପରାର ପିଠିରେ ପହଁରୁଥିବା
ଛଲକାଏ ଚହଲା ପାଣିକୁ
ଦେଖି ଯାହା ତିଳେ ଖୁସିହେବା କଥା ।

ସାମୁଦ୍ରିକ ବାତ୍ୟାରେ
ସମୁଦ୍ର ଜୁଆର ମାଡ଼ିଆସି
ଫୁଲେଇଦିଏ ନଈର ଗର୍ଭ
ଗର୍ଭ ବେଦନା ନସରୁଣୁ
ଅପସରି ଯାଏ ଅଚାନକ ଢେଉ
ଏବେ ଯାହା ବିଚାରୀ ନଈ
ବଦନାମ ଗାଁ ଗଣ୍ଡାରେ
କୂଳବୁଡ଼ା ନିଳଠୀ ନାଁରେ ।

କଦାପି ଶକ୍ତିବୃଦ୍ଧି କରିପାରୁ ନଥିବା
ଗଣ୍ଡେ ବୁଦ୍ ବୁଦ୍
ଗୋଟେ ଯୋଡ଼େ ଚକ୍ରାକାର
ଧୂଆଁ ପାଇଁ ତ
ଆଜୀବନ ବଦନାମ ତା' କପ୍‌ଟି
ଯେଉଁଠି ଝଡ଼ ନିତି
ମୃତ୍ୟୁବରଣ କରେ
ନରମ ଓଠର ଚୁମ୍ବନରେ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ଜୀବନ ବାଟ

### ସୁହଂସ ଭୋଇ



ଜୀବନର ବାଟ ଅଙ୍କାବଙ୍କା ସେ'ତ
ଖାଲ ଢିପ ପୁଣି କେତେ
ତହିଁରେ ଭରିଛି ଦୁନିଆ ଯାକର
ଘାତ ପ୍ରତିଘାତ ଯେତେ ।

କେବେ ନିରାଶାର କଳା ବାଦଲଟି
ମାଡି ଆସେ ଭାଗ୍ୟକାଶେ
ଲୁହ ପିଇ ଏଠି ବଞ୍ଚିବାକୁ ହୁଏ
ନିରୁପାୟେ ଅବଶେଷେ ।

ସୁଲୁସୁଲୁ ହୋଇ ବ୍ୟଥା ବିଷାଦର
ଉଷୁମ ପବନ ବହେ
ଦୁଃଖର ବରଷା ଯାତନାର ଖରା
ଅହରହ ଦେହ ସହେ।

ଚାଲିବାକୁ ପଡେ ତତଲା ବାଲିରେ
ଯନ୍ତ୍ରଣାର ତାଳେ ତାଳେ
ଥକିଗଲେ ଯେବେ ବସି ଯାଏ ଧିରେ
ହତାଶାର ଛାଇ ତଳେ।

ଏନ୍ତୁଡିଶାଳରୁ ଆରମ୍ଭ ହୋଇ କି
ସମାପ୍ତି ଜୁଇର ଧାରେ
ଅଧାରୁ ଅଧିକ ଜୀବନ ଆୟୁଷ
ସରେ ଘଣ୍ଟା ଚକଟାରେ।


+ପହଣ୍ଡି, ବରଗଡ଼
ମୋ: ୯୪୩୭୫୨୨୪୫୫

## କଳା
### ସ୍ମିତା ପଣ୍ଡା



ମୋର ମୁହଁ ଆଖି ଓ ପିଠି
ପିଠି ଉପରେ ପଡ଼ିଥିବା ବାଳ କେରାକ
କାନ୍ଧର ଡେଣା

ଅଣ୍ଟାରେ ଗୁଡ଼ାହେଇଥିବା ଶାଢ଼ି
ନାଇଥିବା ଟିକିଲି
ସବୁତ କଳା
ତମର ଉଆସ ଧଳା
ଉଆସର ଆଲୁଅ ଧଳା
ତମର ଚମ ଦାନ୍ତ ନଖ
ସବୁ ଧଳା
ମୋ କଳାରେ ମୁଁ ଖୁସି ସବୁଦିନ

ତମେ କିନ୍ତୁ ଖୁସି ହେଇ ପାରନି
ତମ ଧଳା ରଙ୍ଗରେ
ମୋ ଠାରୁ କଳା ମାଗିବାକୁ ଆସ
କଳା ଅନ୍ଧାରରେ ସାରାଦିନ
ତମର ଧଳା ଉଆସକୁ
ଆହୁରି ଧଳା କରିବାକୁ
କାନ୍ଥ ଓ ଚଟାଣକୁ

ମୁଁ ଘଷି ମାଜି ଚାଲିଥାଏ
ତମ ଘର ଧଳା ପରଦାକୁ
ଧଳା ଧୋତି ପଞ୍ଜାବୀକୁ
ଆଜିକାଲି ତମେ ପିନ୍ଧୁଥିବା ଧଳା ଜୋତାକୁ
ତମ ବାଟରେ ପଡିବାକୁ ଥିବା କାର୍ପେଟ୍ କୁ
ବାରମ୍ବାର ସଫା କରୁଥାଏ

ତମେ ଯେତେବେଳେ ଦାଣ୍ଡରେ ଠିଆ ହୁଅ
ଧଳା ପାଦ ଦୁଇଟି ତମର
ମୁଣ୍ଡରେ ଓ ହାତରେ ଛୁଇଁବାକୁ
ଯୋଉ ଧାଡ଼ି ଲମ୍ବିଥାଏ
ମୋର ଆଖି ପାଏନି
ସବୁ ମୁହଁରେ ମଖା ହୋଇଥିବା ପାଟିକୁ
ଜୟକାର କରିବାର ଦେଖିପାରେ
ତମ ଓଠ ହଲୁଥାଏ

ମାନେ ତମେ ବି କଣ କହୁଥାଅ
କିଛି ମୁଁ ଶୁଣି ପାରେନି
ଧଳା ପାଛୁଡ଼ାକୁ କାନ୍ଧରେ ସଜାଡି
ତମେ ଆଉଜି ପଡ଼ ଧଳା ମୁଚୁଳା ଉପରେ
ସେଇଠୁ ହାତ ଟେକିଦେଲେ କାଳେ
ଯୋଡା ହେଇଥିବା ହାତକୁ
ନଇଁଥିବା ମୁଣ୍ଡକୁ
ମିଳିଯାଏ ଟଙ୍କା, ଘର, ଗାଦି
ସଖ୍ୟ, ମୋକ୍ଷ
ଖାଲି ସୁଖ ହିଁ ସୁଖ
ଅଥଚ ତମର ଯେ ମୋକ୍ଷ ନାହିଁ
ମୋ ଛଡ଼ା କିଏ ଜାଣେ ନାହିଁ
ଧଳା ରଙ୍ଗ ଯେତେ ବହଳ ହେଲେ ବି
କାମନାର କଳା ରଙ୍ଗ ଲୁଚେ ନାହିଁ
ନାଁରେ ଈଶ୍ୱର ଯୋଡ଼ିଦେଲେ
କେହି ଈଶ୍ୱର ହୋଇଯାଏ ନାହିଁ ।

ତମ ଆଡ଼େ ଚାହିଁଲେ
ତମର ହାତ, ତମର ପାଦ
ତମର ବେଶ, ତମର ଉଆସ
ମତେ ଦେଖାଯାଏ ଖାଲି କଳା
ବହୁତ ବେଶି କଳା
ମୋ ଠାରୁ ବି, ଅନ୍ଧାରରୁ ବି ।


♥ମୋ-୯୮୬୧୩୨୩୬୫୦


## ସବାତଳେ ବିଶ୍ରାମ
### ଗଜାନନ ମିଶ୍ର

ସକାଳକୁ ପ୍ରଣାମ
ସଂଧ୍ୟାକୁ ପ୍ରଣାମ
ଦିପହରକୁ ପ୍ରଣାମ
ମଧ୍ୟ ରାତ୍ରିରେ ପ୍ରଣାମ।
ପୂର୍ବକୁ ପ୍ରଣାମ
ପଶ୍ଚିମକୁ ପ୍ରଣାମ
ଉତ୍ତରକୁ ପ୍ରଣାମ
ଦକ୍ଷିଣକୁ ପ୍ରଣାମ।

ପ୍ରଣାମ ପ୍ରଣାମ
ଆଗ୍ନେୟକୁ ନୈଋତକୁ
ବାୟବ୍ୟକୁ ଐଶାନ୍ୟକୁ।
ପ୍ରଣାମ ମାଟିକୁ ପାଣିକୁ
ପବନକୁ ଆକାଶକୁ
ପ୍ରଣାମ ଅଗ୍ନିକୁ।
ପ୍ରଣାମ ଚନ୍ଦ୍ରକୁ

ପ୍ରଣାମ ସୂର୍ଯ୍ୟକୁ
ଆଉ ଆଉ ସବୁ
ଗ୍ରହ ନକ୍ଷତ୍ରଙ୍କୁ।

ପ୍ରଣାମ ରାଜାଙ୍କୁ
ପ୍ରଣାମ ପ୍ରଜାଙ୍କୁ
ପ୍ରଣାମ ମନ୍ତ୍ରୀକୁ
ପ୍ରଣାମ ପ୍ରଣାମ
ଅଫିସର କିରାଣି
ପିଅନ ଚୌକିଦାର।

ପ୍ରଣାମ ଡାକ୍ତର
ଓକିଲ ଇଂଜିନିୟର୍
ବିଚାରପତି ଜଗତପତି।
ପ୍ରଣାମ ପଢୁଆ
ଅପଢୁଆ, ପ୍ରଣାମ
ଚାଷୀ କମାର
ଭଣ୍ଡାରୀ ଧୋବା,

ପ୍ରଣାମ ସବୁ
ଦେବୀ ଦେବତା।
ପ୍ରଣାମ ଇ ମୋର
ଏକମାତ୍ର ମୁଦ୍ରା।

ଦେଖ, ପ୍ରଣାମ କରି କରି
ବୁଲୁଛି ବେଢା
ଘର ମନ୍ଦିର ଭିତର ବାହାର,
ଥାଉ କି ନ ଥାଉ
ଇଚ୍ଛା ଅନିଚ୍ଛା
ସଫଳତା ବିଫଳତା
ପରଂପରା ଅପରଂପରା।
ନିଜପର ସବୁକୁ
ହସି ହସି କରୁଛି
ହୃଦୟରୁ ପ୍ରଣାମ।

ମୁଁ କୋମଳ,
ଯେମିତି ଜଳ।
ନୁହଁ କଠିନ ମୁଁ
ନୁହଁ ପଥର।

ଜଳହୋଇ ତଳକୁ
ତଳକୁ ଯାଉଛି ବହି।
ଉପରକୁ ପ୍ରଣାମ
କରୁଛି ତଳକୁ ପ୍ରଣାମ।

ତଳେ ଉପରେ
ଶତ୍ରୁକୁ ମିତ୍ରକୁ
ମୋର ପ୍ରଣାମ।
କିଏ ମିତ୍ର କିଏ ଶତ୍ରୁ
ସମସ୍ତେ ସବୁଠି,
ମୋ ପାଇଁ ସମାନ।
ତଳେ ତଳେ
ସବାତଳେ ପ୍ରଣାମ,
ଆଉ ପ୍ରଣାମ ପ୍ରଣାମ
କରି କରି ଦେଖ ମତେ
ନେଉଛି ମୁଁ ବିଶ୍ରାମ।


♥ତପୋବନ,
ଟିଟିଲାଗଡ-୭୬୭୦୩୩


## ବିଳୟ
### ଅରୁଣ କୁମାର ଦାସ



ତିନୋଟି ବର୍ଣ୍ଣକୁ
ନେଇ ଗଢା
ଦୁଇଟି ଏକ, ଆରେକ ଭିନ୍ନ
ଗଢା ହେଲା ବିଶ୍ୱ ବ୍ରହ୍ମାଣ୍ଡ !
ତୁଚ୍ଛ ମଣିଲା ତାଙ୍କ ପ୍ରେରିତ
ଦୂତ, ଅବତାରୀ, ପ୍ରବର୍ତ୍ତକଂକୁ
ନିଜ ଡିଂଡିମ ପିଟୁଥିବା ମଣିଷ
ଚାଲିଲା ନିଜ ଗଢା ପଥେ

ଧ୍ୱଂସର ପଥିକ ସାଜି ।
ହାର ମାନିଲା ତା ପଦ୍ଧତି
ଭାଂଗି ଚୁରମାର ହେଲା
ସବୁ ଦଂଭ,ଗର୍ବ, ଅଂହ
ସ୍ୱପନର ତାଜମହଲ ।



କିଳିଲା କବାଟ ଦି ପହରେ
ବାଂଧିଲା ମୁହଁରେ ପଟି
ନିସ୍ତାର ପାଉନି ତଥାପି
ବୁଝି ଅବୁଝା ହେଲେ
ବିଳୟ ଅବସଂଭାବୀ !!!


♥ ଶିକ୍ଷକ
ନାରାୟଣପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ, ପଂତୁରୀ, ଧର୍ମଶାଳା,ଯାଜପୁର
ମୋ:୯୯୩୮୭୩୩୦୭୫


## ମୁଠାଏ କବିତା
### ଡାଃ ମନୋରଂଜନ ଦାଶ



॥ ଜହ୍ନ ଓ କୁମୁଦିନୀ ॥
ଜହ୍ନ ପାଇଁ କୁମୁଦିନୀ ମନ ଊଣା କରନା ।
ଯେତେ ଦୂରେ ଥିଲେ ବି ଜହ୍ନକୁ
ତୁମ ବିନା ଭଲ ଲାଗେନା ।
ଆସୁ ଯେତେ ଝଡ, ଝଞ୍ଜା
ବରଷା ଆଉ ପବନ
ପଡୁ ଯେତେ ବାଧା ବିଘ୍ନ
କେହି ଅଟକାଇ ପାରେନା ।
ଚୁପି ଚୁପି ଛୁଇଁଯିବି
କରି କେତେ ବାହାନା ।

ଦୂରେ ଥାଇ କି ମୁଁ ବିଝିଚି ତୁମକୁ
ତୁମେ ଗୋ ମୋହର
ମୁଁ ବି ତୁମର
ସଭିଙ୍କ ତା ଜଣା
କାଳକାଳ ଏଇ ଅତୁଟ ସଂପର୍କ
ମୋ ରାଣ, ତୁମେ ଅବୁଝା ହୁଅନା ।

॥ ତୁମେ ଓ ମୁଁ ॥
ତୁମେ ପ୍ରିୟ କବି ମୁଁ ତୁମ କବିତା
ତୁମେ ମୋ ଆବେଗ ମୁଁ ତୁମ ପିପାସା
ତୁମେ ମୋ ସାଗର ମୁଁ ତୁମ ତଟିନୀ ।
ତୁମେ ଲହରୀ ମୁଁ କୁଳୁକୁଳୁନାଦିନୀ
ତୁମେ ବରଷା ମୁଁ ସବୁଜବନାନୀ
ତୁମେ ମୋ ସଂଗୀତ ମୁଁ ତୁମ ରାଗିଣୀ ।
ତୁମେ ମୋର ସଙ୍ଗ ମୁଁ ପ୍ରାଣସଙ୍ଗିନୀ
ତୁମେ ପ୍ରେମ ମୁଁ ତୁମ ପ୍ରେମିକା
ତୁମେ ମୋ ଅଭିସାର ମୁଁ ଅଭିସାରିକା ।


♥ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ ଜି: କେନ୍ଦ୍ରାପଡ଼ା
ମୋ -୯୪୩୭୩୧୭୭୨୨


## ଶୀତର ସଙ୍ଗୀତ
### ପ୍ରଦୀପ୍ତ କୁମାର ଦାସ



ତମ ତନୁ ପହିଲି ପୃଷ୍ଠାରେ
ପଢୁ ପଢୁ ଶୀତର ସଙ୍ଗୀତ
ମୋ ସ୍ମୃତିରେ ଫେରିଆସେ
ସେଦିନର ସ୍ୱପ୍ନିଳ ବସନ୍ତ...
ସାଥେ ଘେନି ପେନ୍ଥା ପେନ୍ଥା
ରୋମାଞ୍ଚର କୃଷ୍ଣଚୂଡ଼ା ହସ
ମହକାଇ ମନତଳେ
ଯୌବନର ବାସ୍ନା,
ଏବେ ତମ ଚୁମା ଖଞ୍ଜିଦିଏ
ମୋ ସ୍ନାୟୁରେ ଉତ୍ତେଜନା ବୋମା
ଫିଟିପଡ଼େ ଅତୀତର ଫୁଟିବା ମୁହୂର୍ତ୍ତ...
ଭିଜା ଭିଜା ସବୁ ନିସଙ୍ଗତା

ବନିଯାଏ ମଧୁର ଭାବନା...
ସତରେ ପ୍ରୀତିପର୍ଣ୍ଣା !
ସେବେ ଥିଲ ତମେ ଭାରି ଲାଜକୁଳୀ...
ଏବେ କିନ୍ତୁ ପୁରାପୁରି ଯାଇଛ ବଦଳି,
ତମ ମନ ମଲାଟରେ ନାଚିଯାନ୍ତି ଏବେ
ମେଞ୍ଚା ମେଞ୍ଚା କାମନାର
ନୀଳ ନୀଳ ଶୋଷ...

ମୁଁ ସେଦିନର ସେଇ ଶୀତୁଆ ସଞ୍ଜରେ
ବଢ଼ାଇ ଦେଇଥିଲି କେତେ କେତେ
ପ୍ରୀତି ଆମନ୍ତ୍ରଣ
ତୁମ ଆଶ୍ଲେଷ ଲଭିବାର ପାଇଁ
ତମେ କିନ୍ତୁ ପ୍ରତ୍ୟାଖ୍ୟାନ କରିଥିଲ ସବୁ,
ଏବେ କିନ୍ତୁ...
ତମେ ମତେ ବାରମ୍ବାର ଆମନ୍ତ୍ରୁଛ
ତମର ସେ ପ୍ରୀତିଭର୍ତ୍ତି ହୃଦୟକୁ
ତନ୍ନ ତନ୍ନ ପଢ଼ିବାକୁ
ତମେମୟ ଦୁର୍ବୋଧ ସଙ୍ଗୀତ
ଢ଼ାଳି ଦେଇ ମୋ ଆତ୍ମାର
ସବୁତକ ଅସ୍ତହୀନ ଆତ୍ମୀୟ ଅସ୍ତିତ୍ୱ।


♥ ଓଡ଼ିଆ ଅଧ୍ୟାପକ,
ଗୁରୁକୁଳ କରୁଣାକର ବେଦ ସଂସ୍କୃତ
ମହା ବିଦ୍ୟାଳୟ, ଦଶରଥପୁର, ଯାଜପୁର


## ସମର୍ପଣ
### ପ୍ରଦୋଷ କୁମାର ଦାସ



ମନର ମଣିଷ ହୃଦୟ ବିନ୍ୟାସ।
ପୁଲକିତ ମନେ ବରିଛି ଆଶ୍ୱାସ ।।
ନିରିଜନ ଲାଗେ ଉତ୍ସବ ମୁଖର।
ଉଲ୍ଲସିତ ହୁଏ ହୃଦ ପାରାବାର ।
ଅକାରଣ ପାଲଟେ, କାରଣେ ଉତ୍ତର ।
ଚିତ୍ର ପରାଏ ଦିଶେ ଜଳଜଳ ସ୍ମୃତି ନିର୍ଝର।
ଦିଗ ବିଦିଗରେ ତୁମରି ଛବି
ଖେଳଇ ବିସ୍ତର।
ଆହା କି ସୁନ୍ଦର ଏତେ ନିକଟରୁ
ପାଉଛି ସାନ୍ନିଧ୍ୟ ଅପାର ।
ପ୍ରଭାତୀ ଅରୁଣିମା ହାତେ ଦିଏ ମୋର
ପ୍ରେମର ଅବିର।

ନିଜକୁ ଦେଖିଲେ ଆରକ୍ତ ଦିଶଇ
ମୁହଁ ଟି ତୁମର ।
ତୁମ ହାତରେ ରଙ୍ଗ ଅବିର,
ଆଉ ହାତରେ ମୋହର ।
ହୃଦେ ଭରିଯାଏ ଚେତନା ଅନିନ୍ଦ୍ୟ ସୁନ୍ଦର।
ପୁଲକିତ ମନେ ବରେ ତୁମେ କି ନିଜର !!
ସକାଳ ଭାସ୍କର ସାକ୍ଷୀ ଏଇ ଚରାଚର।

ଦର୍ପଣ ପରାଏ ମନେ ମୋ ଦର୍ଶାଏ
ସ୍ୱରୂପ ତୁମର ।
ସାଗର ବେଳାରେ ଅମାନିଆ ଢେଉ
ତରଙ୍ଗାୟିତ।
ନୀଳ ଅମ୍ବର ସାମିଆନା ତଳେ ତୁମକୁ
କରୁଛି ସ୍ୱାଗତ ॥
ତୁମେ ମୋର ସଖା, ଅବା ମୁଁ ସଖି ତୁମର।
ସମ୍ପର୍କର ସଂଜ୍ଞା ନିରୂପଣ ଅଯଥା ଅସାର ।
ଆତ୍ମାନୁଭୂତିରେ ତୁମରି ପାଖରେ ହୁଏ
ଏକାକାର।
ଭାବର ଅସ୍ତିତ୍ୱ ଅମଳୀନ ହେଉ,
ବିସ୍ମୃତ ହେଉ ଏ ଅଳୀକ ଶରୀର ।


♥ ନାଚୁଣୀ, ଖୋର୍ଦ୍ଧା
ପିନ୍: ୭୫୨୦୩୪
ମୋ: ୬୩୭୦୪୯୫୯୪୪


## ସକଳ ପ୍ରଣତି ଘେନ ମହାବାହୁ
### ରମେଶ ଚନ୍ଦ୍ର ନାୟକ



ସକଳ ପ୍ରଣତି ଘେନ ମହାବାହୁ
ଯୋଡୁଅଛି ଦୁଇହାତ
ଦେଖୁଅଛ ଚକା ଆଖିରେ ପ୍ରଭୁହେ
କେତେଯେ ନାଥ ଅନାଥ ।

ଷାଠିଏ ପଉଟି ଭୋଗ ଲୋଡା ହୁଏ
ନିତି ନିତି ଯେ ତୁମକୁ
କେତେଯେ ଅନାଥ ଭୋକରେ ଶୁଅନ୍ତି
ଦେଖି ପାରୁନକି ତା'ଙ୍କୁ ।

ପାଟ ପୀତାମ୍ବରୀ ପିନ୍ଧୁଛ ପ୍ରଭୁ ହେ
?ହେଉ ଅଛ ସୁନାବେଶ
ଭିକାରି ଭକତ ଫୁଙ୍ଗୁଳା ଦେହରେ
ପାଉଅଛି କେତେ କ୍ଳେଶ ।

ଦ୍ୱାପର ଯୁଗରେ ଦ୍ରଉପଦୀ ମାନ
ରଖିଲ ହେ ଚକ୍ରଧାରୀ
ଏ କଳି ଯୁଗରେ ବାଲ୍ୟ ଅବଳାକୁ
କରୁ ଅଛ ଏତେ ସରି ।

ଦାନବ ସାଜିଣ ମାନବ ତାହାକୁ
କରୁଅଛି ଧରଷଣ
ରଖିବାକୁ ତା'ଙ୍କ ଲଜ୍ଜା ମହତକୁ
ଆସୁ ନାହିଁ ନାରାୟଣ ।

ମଉନେ ବସିଛ କାହିଁକି ପ୍ରଭୁ ହେ
ଦେଖୁଅଛ ଏ ଅନ୍ୟାୟ
କେତେ ରୋଗ ଦୁଃଖ ପ୍ରକୋପରେ ଦେଖ
ସଂସାରେ ବ୍ୟାପିଛି ଭୟ ।

ଅକାଳରେ କିଏ ପୋଛି ହୋଇଯାଏ
ବାପ ଆଗେ ଆଗେ ପୁଅ
ଶୁଦ୍ଧି କ୍ରିୟା କା'ର ଯାଇଛି କି ନାହିଁ
ମାଆ ପଛେ ଯାଏ ଝିଅ ।

କାହିଁ ଗଲା ତୁମ ଅସ୍ତ୍ର ଶସ୍ତ୍ର ଆଜି
ହେଉଛ ଶକତି ହୀନ

ଦୟାମୟ ଆଜି ନିଷ୍ଠୁର ହୋଇଣ
ଦେଖୁଅଛ ଏ ଦୁର୍ଦ୍ଦିନ ।

ସିଂହ ଦ୍ୱାରେ ତୁମ ଭକତ ପାଉଛି
ନିର୍ଯ୍ୟାତନା ଅପମାନ
ନୀରବ କାହିଁକି ସବୁତ ଦେଖୁଛ
ରହୁଛ ସଦା ମଉନ ।

ଓହ୍ଲାଇ ଆସହେ ସିଂହାସନୁ ତୁମ
ଭକତକୁ ରକ୍ଷାକର
ନ ହେଲେ ଭକତ ଆଖିରୁ ପରା ହେ
ଶୁଖିବନି ଲୁହଧାର ।

ଗଢିଅଛ ତୁମେ ତୁମରି ହାତରେ
ଏଡେ ସୁନ୍ଦର ସଂସାର
ଭକତ ଲୁହରେ ମରୁ ପାଲଟିବ
ତୁମ ଏ ଭବ ସଂସାର ।

କରୁଛି ମୁଁ ଅଳି ଆହେ ବନମାଳୀ
ଜଣାଉଛି ଯୋଡ଼ି କରେ
ଶୁଭାଶିଷ ସୁଧା ପରଶ ହେ ଜଗା
ବିଶ୍ୱ ପ୍ରେମ ମାଧ୍ୟମରେ ।


♥ କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦ .


## ରାଜଧାନୀ ପ୍ରେମ
### ଦିଲ୍ଲୀପ କୁମାର ସାହୁ



ଶାନ୍ତିସ୍ତୂପ ତଳେ କାହାଣୀ ଆରମ୍ଭ
ହସେ ଦୟାନଦୀ ପାଣି
ପ୍ରୀତିରଙ୍ଗ ବୋଳେ ଖଣ୍ଡଗିରି ଗୁମ୍ଫା
ଶାଖି ରହେ ରାଜରାଣୀ ।୦ !

ନିଇତି ସଞ୍ଜରେ ମନମୋହେ ଏଠି
ସୁଲୁସୁଲୁ ବହି ବାଆ
ପ୍ରେମ ପକ୍ଷୀଙ୍କର ନୟନେ ନୟନେ
ଭରଇ ସପନ ନୂଆ ।
ସଞ୍ଜ ହୋଇଗଲେ ପାର୍କ ଅଛି ଯେତେ

ସବୁ ହେଇଯାଏ ଫୁଲ୍
ଛାଇ ଅନ୍ଧାରୁଆ ଗଛତଳେ ବସି
ମନହୁଏ କୁଲ୍ କୁଲ୍ ।
ସତର ରୁ ଏଠି ସତୁରି ଯାଏତ
ବଜାନ୍ତି ପ୍ରେମ ଖଞ୍ଜଣୀ
ହସେ ଦୟାନଦୀ ପାଣି...।୧ !

ମନ୍ଦିର ନଗରୀ ରାଜଧାନୀ ଆମ
ଏବେସିଏ ସ୍ମାର୍ଟସିଟି
ଦଳଦଳ ହୋଇ ପୁଅଝିଅ ଏଠି
ସବୁଠି କରନ୍ତି ମସ୍ତି ।
ଖୋଲାଖୋଲି ପ୍ରେମ ହୁଏ ରାତି ଦିନ
ଜଣାପଡେ ନାହିଁ ବେଳ
ପୁଅ ଝିଅ ଏଠି ସବୁତ ସମାନ
ମାନନ୍ତିନି ଥଳ କୂଳ ।
ରାଜଧାନୀ ପ୍ରେମ ଭାରିତ ଉଷୁମ
କହୁଥିଲେ ସରିବନି
ହସେ ଦୟାନଦୀ ପାଣି...!୨ !


♥ମୋ: ୭୦୭୭୨୦୬୯୭୭


## ସର୍ଜକ ସାଜିବା
### ଅନସୂୟା ପଣ୍ଡା



ରାଜନୀତିର ପଞ୍ଜୁରି ଖୋଲି
ଜଳେଇଦିଅ ସ୍ୱାର୍ଥ ସାରି
ଗଢିବ ଯଦି ସ୍ୱର୍ଣ୍ଣ ଭାରତ
ଅତୁଟ ବିଶ୍ୱାସ ମନରେ ଭରି।

ଭାଙ୍ଗ ଆଜି ସୁଗୁପ୍ତ ଦୁର୍ନୀତିର
ଚୋରା ଲୌହ ଦରଜା
ସତ୍ୟ ବିସ୍ତାରୁ ସହସ୍ର ଭୁଜ

ଆଦିମାତାଙ୍କ ତ୍ରିଶୂଳ ଭେଦୁ
ପିପାସିତ ଶତ ଶତ ମହିଷାସୁର ।

ହଟେଇ ଦେବା ଅନ୍ଧାର ଯେତେ
ଜାଳି ସଙ୍କଳ୍ପ ମଶାଲ

ଶୁଭ୍ର ସକାଳ ଆଣିବା ଲାଗି
ଲଢିବା ଆମେ ଯୋଗମାୟାଙ୍କ
କାଳୀ ପ୍ରଚଣ୍ଡା ରୁପକୁ ଘେନି।

ନଇଁବା ନାହିଁ ଦୁରାଚାରୀ ଆଗେ
ପଡିବା ନାହିଁ ଶୋଷଣ ଜାଲେ
ବଳିଦାନର ରକ୍ତ ତୀର୍ଥେ
ସ୍ୱାଭିମାନର ସ୍ଫୁଲିଙ୍ଗ ଭରି ହୃଦେ
ସର୍ଜକ ସାଜିବା ଆନନ୍ଦ ମନେ।


♥ବୁର୍ଲା, ସମ୍ବଲପୁର
ମୋ: ୯୪୩୭୪୨୦୪୦୯


## ଝଡପରେ
### ଅନୀତା ଦାସ

ଝଡ ପରେ ତୁମ ପଟ ପୃଥିବୀ
ଉଜ୍ଜ୍ୱଳ ଓ ଚଳଚଞ୍ଚଳ,
ମୋ ପଟ ପୃଥିବୀ ତଥାପି
ଶାନ୍ତ ଓ ଅନ୍ଧକାର।

ତମେ ବାଲକୋନୀରେ ବସି ସେଲ୍ଫି ଛାଡ଼ିଲ
'ଆଇ ଲଭ୍ ରେନ୍',
ମୋ ତାଳୁରୁ ତଳିପା ଓଦା ସରସର
ସାହା ବୋଲି ଗୋଟେ ଜରି ପଲିଥିନ।

ତମ ଚାରିପାଖ ଧ୍ୱସ୍ତ ବିଧ୍ୱସ୍ତକୁ 'ଆହାଃ'
ବୋଲି ନାମ ଦେଲ,
ମୁଁ ଜଳକା ହେଇ ଦେଖୁଥାଏ
ମୋ ମହଲଟିକୁ ଭୁଷୁଡୁଥିବାର।

ତମେ ଚାହା, ପକୁଡିର ଷ୍ଟାଟସ୍ ଦେଇ ଲେଖିଲ
'ୱେଥର କଲିଙ୍ଗ'
ଭାସିଯାଉଥିଲା ମୋ 'ଆଜିର, ଆସନ୍ତାକାଲିର'
ପୁଞ୍ଜିସବୁ
ମୁଁ ପାଲଟୁଥିଲି ମୂକ ସାକ୍ଷୀ।

କ୍ୱଚିତ ଭୂମିରେ ପଡୁଥିବା ତୁମ ପଦଯୁଗଳର
ଫଟୋ ଦେଇ
ଲେଖିଲ 'ମଡ୍ଡି ଫିଟ୍',
ଧସୁଥିଲା ମୋ ନଦଉ କାନ୍ଥ, ପାଦେ
କାଦୁଅରେ ରହି
ସଜାଡୁଥିଲି ମୁଁ ଝାଟିମାଟି।

ସହାନୁଭୂତିର ବାର୍ତ୍ତା ଦେଇ ତମେ ଲେଖିଲ
ଘରେ ରୁହ, ସୁସ୍ଥ ରୁହ,
ଏଣେ ମୋ ଘରର ମେରୁଦଣ୍ଡ ବିଶ୍ୱକର୍ମା ସାଜି

ଛିଙ୍କୁଥିଲେ, କାଶୁଥିଲେ ତଥାପି
ବୋହୁଥିଲେ ବାଉଁଶ ଆଉ ରୁଅ।

ଶୁଣ ! ତୁମ ମୋ ପୃଥିବୀ ଖୁବ୍ ଅଲଗା
ଠିକ୍ ମାଟି ଆଉ ଆକାଶ ପରି
ଗାଁ ଆଉ ସହର ପରି
ଶୋକ ଆଉ ସୁଖ ପରି।

ଏଥର ସେ ବର୍ଷିଲେ ତାକୁ କହିବ,
ବରଷିବ ତୁମ ଭାଗରେ,
କାହିଁକିନା ଝଡ଼ ପରେ
ତୁମ ପଟ ପୃଥିବୀ ସିନା ଉଜ୍ଜ୍ୱଳ ଓ
ଚଳଚଞ୍ଚଳ,
ମୋ ପଟ ପୃଥିବୀ ତଥାପି ଶାନ୍ତ ଓ
ଅନ୍ଧକାର।


♥ଶିକ୍ଷୟିତ୍ରୀ, ଯାଜପୁର
ମୋ: ୭୯୭୮୧୧୫୮୪୭

# ପୂର୍ବାଂଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଂଟନ ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର, ୨୮/୧୦ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭରସିଟି ଆନୁକୂଲ୍ୟରେ ବୁର୍ଲା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ତିନିଦିନ ବ୍ୟାପି ଆୟୋଜିତ ପୂର୍ବାଂଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଂଟନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଦେଶର ଉତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଝାରଖଣ୍ଡ, ପଶ୍ଚିମ ବଙ୍ଗ, ଛତିଶଗଡ, ଓଡିଶା ତଥା ଉତର ପୂର୍ବାଂଚଳ ରାଜ୍ୟରୁ ସର୍ବମୋଟ ୩୬ ଟି ବିଶ୍ୱବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଚାରୋଟି ଦଳ ରାଜସ୍ଥାନର ଝୁନଝୁନା ସ୍ଥିତ ଶ୍ରୀ ଜଗଦୀଶ ପ୍ରସାଦ ଝାବରମଲ ଟିବ୍ରେୱାଲ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ଼ମିଂଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଠାରେ ଅନୁଷ୍ଠିତ ପୂର୍ବାଂଚଳ ସ୍ତରୀୟ ପ୍ରତିଯୋଗିତାରେ ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ପଶ୍ଚିମବଙ୍ଗର ଅଡ଼ମସ୍ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ୟୁନିଭରସିଟି ଅଫ୍ କୋଲକାତା ତୃତୀୟ ଓ ଉତର ପ୍ରଦେଶର ଭି.ବି.ଏସ୍ ପୂର୍ବାଂଚଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ପୋର୍ଟ୍ସ କାଉନସିଲର ସଚିବ ପ୍ରଫେସର ଦେବେନ୍ଦ୍ର ମହାଲିକଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି, କୁଳ ସଚିବ ଡ଼. ନୃପରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶ୍ରେଷ୍ଠ ବିବେଚିତ ଚାରୋଟି ବିଶ୍ୱବିଦ୍ୟାଳୟକୁ ସମ୍ମାନିତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ର କ୍ରୀଡା ଅଧିକାରୀ ଡ଼. ଅବିନାଶ କରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବ୍ୟାଡ଼ମିଂଟନ ପ୍ରତିଯୋଗିତା ଆୟୋଜିତ ହୋଇଥିବାବେଳେ ଓଡିଶା ରାଜ୍ୟ ବ୍ୟାଡ଼ମିଂଟନ ଆସୋସିଏସନ ର ମ୍ୟାଚ ରେଫରୀ ଅସିତ ପଟ୍ଟନାୟକ, ଅମ୍ପାୟାର ଟିକେଶ୍ୱର ସାହୁ, ପ୍ରମିତ ମହାନ୍ତି, ବବୁଲୁ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ହେମନନ୍ଦ ଥାପ୍ପା, ନୀଳାଂଚଳ ସେଠି, ସତ୍ୟ ଦାସ ଓ ମଣି ବେଜି ପ୍ରମୁଖ ମ୍ୟାଚ ଗୁଡିକୁ ପରିଚାଳନା କରିଥିଲେ। କୁଲୁଣ୍ଡି ସ୍ଥିତ ଶାରୀରିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ପ୍ରବୀଣ ସାହୁ ତଥା ଛାତ୍ର ଛାତ୍ରୀମାନେ ପ୍ରତିଯୋଗିତାର ପରିଚାଳନାରେ ସହଯୋଗ କରିଥିଲେ। ଏହି ମହିଳା ବ୍ୟାଡ଼ମିଂଟନ ପ୍ରତିଯୋଗିତାରେ ତସନିମ ମୀର, ଅରିତ୍ରୀ ସାହା, ଶୁଭାଙ୍ଗୀ ସିହ୍ନା, ଗୌରୀ କ୍ରିଷ୍ଣା ଟି. ଆର., ହର୍ଷିତା ରାଉତ, ସ୍ମୃତି ସ୍ୱାଇଁଙ୍କ ସମେତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମହିଳା ବ୍ୟାଡ଼ମିଂଟନ ଖେଳାଳି ନିଜ ନିଜର ବିଶ୍ୱବିଦ୍ୟାଳୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ-୨୦୨୪ ଅନୁଷ୍ଠିତ

ମାଲକାନଗିରି, ୨୮/୧୦ (ନି.ପ୍ର): ମାଲକାନଗିରି ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, କୋରୁକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଅସିତ କୁମାର ମିସ୍ତ୍ରୀ, ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ସଦର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ, ଖଇରପୁଟ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଶିବାନୀ ମୁଦୁଲି ଏବଂ ପେଡାଗଜି ଓ ଜନଜାତି ସଂଯୋଜକ ଶେଷ ଶଙ୍କର ମହାଲିକ ମଂଚାସୀନ ଥିଲେ। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଥିଲେ। କଳାର ବିକାଶ ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରତି ରୁଚି ବଢିବ ଏବଂ ସେମାନଙ୍କର ଦକ୍ଷତା ବୃଦ୍ଧି ହେବା ଦ୍ୱାରା ସାମଗ୍ରିକ ବିକାଶ ହୋଇପାରିବ ବୋଲି ଶ୍ରୀ ସାହୁ ଆଲୋକପାତ କରିଥିଲେ। ରାଜ୍ୟ ସ୍ତରୀୟ ସୁରଭୀ କାର୍ଯ୍ୟକ୍ରମରେ ନିଜର ଦକ୍ଷତାକୁ ସର୍ବଶ୍ରେଷ୍ଠ ଭାବେ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବା ପାଇଁ ଉପସ୍ଥିତ ଅତିଥି ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣୀତ କରିଥିଲେ। ସୂଚନା ଯୋଗ୍ୟ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀ ନଭେମ୍ବର ୧୨,୧୩ ଓ ୧୪ ରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ନଭେମ୍ବର ୧୪ ଅର୍ଥାତ୍ ଶିଶୁ ଦିବସରେ ମୁଖ୍ୟମନ୍ତ୍ରୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବେ। ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସଙ୍ଗୀତ, ବକ୍ତୃତା, ସଧାରଣ ଜ୍ଞାନ, ପ୍ରବନ୍ଧ, ଏକକ ଅଭିନୟ, କ୍ରିଏଟିଭ ରାଇଟିଂ ସହ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କଳାତ୍ସବରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ମଧ୍ୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ବିଦ୍ୟାଲକ୍ଷ୍ମୀ ଚୌଧୁରୀ, ଶକୁନ୍ତଳା ମାଝୀ, ସୀତାରାମ ଗୌଡ ଓ କାଳୁ ଚରଣ ମହାରଣା ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ। ପ୍ରମୋଦ କୁମାର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବରାଜ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସୋନପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ, କାର୍ ସହ ଗଞ୍ଜେଇ ଜବତ: ୩ ଗିରଫ

ସୁବର୍ଣ୍ଣପୁର, ୨୮/୧୦ (ନି.ପ୍ର): ବୌଦ୍ଧ ଜିଲ୍ଲା କଂଟାମାଳ ଅଂଚଳରୁ ସୋନପୁର ଜିଲ୍ଲା ଦେଇ ବରଗଡ଼କୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଗାଡି ସହ ୩୯. ୪୪୦ କେଜି ଗଞ୍ଜେଇକୁ ଜବତ କରିଛି ସୋନପୁର ପୋଲିସ। ଧଉଡାଖମନ୍ ମେଟାକାନୀ ଛକ ନିକଟରେ ଗଞ୍ଜେଇ ଗାଡିକୁ ଜବତ କରିବା ସହ ବୌଦ୍ଧ ଜିଲ୍ଲା ଘଂଟାପଡ଼ା ଅଂଚଳର ବିଶିକେଶନ କାଲସାଏ ଓ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଅଂଚଳର ସୁଶିଳ ଦିଗାଲକୁ ଗିରଫ କରିବା ସହ କେଶ୍ ନମ୍ବର ୩୪୦/୨୪ ୟୁ/ ଏସ-(ବି)(ସସ)ସି/୨୫/୨୯/ ଏନଡିପିଏସ ଧାରାରେ ଏ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ସେହିପରି ଉଲୁଣ୍ଡା ପୋଲିସ ଦ୍ୱାରା ଗତକାଲି ୨୪-୧୦-୨୪ ରେ ସମ୍ବଲପୁରକୁ ଗଞ୍ଜେଇ ଚାଲାଣ କରୁଥିବା ନାଗପୁର ଧନ ରାଜ ହରିଦାସ ୟୁରିକର ଠାରୁ ଉଲୁଣ୍ଡା ପୋଲିସ ପଣ୍ଡକିଟାଲ ଛକରେ ଗଞ୍ଜେଇ ଜବତ କରିଛି । ଓ ଉଲୁଣ୍ଡା ପି ଏସ କେଶ୍ ନମ୍ବର ୧୮୫/ ୨୪-୧୦-୨୪ ୟୁ/ଏସ- (ବି) (ସସ) ସି/ ୨୫/୨୯/ ଏନଡିପିଏସ ଧାରାରେ ଅଭିଯୁକ୍ତକୁ ଗିରଫ କରିଛି।

# ନାବାଳିକା ଅପହରଣ ଓ ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା

ସମ୍ବଲପୁର, ୨୮/୧୦ (ନି.ପ୍ର): ବିବାହର ପ୍ରତିଶ୍ରୁତି ଦେଇ ଗତ ୨୦୨୧ ମସିହାରେ ଜନୈକା ନାବାଳିକାକୁ ଅପହରଣ କରିନେଇ ବଳପୂର୍ବକ ଦୁଷ୍କର୍ମ କରିବା ଅଭିଯୋଗରେ ସମ୍ବଲପୁର ପୋକ୍ସୋ ଅଦାଲତ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଘଟଣାର ଅଭିଯୁକ୍ତ ଅନୁଗୁଳର ପାପୁନ ବେହେରା(୨୬)କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ଶନିବାର ଏହି ମାମଲାର ରାୟ ପ୍ରକାଶ କରି ଦୋଷୀ ପାପୁନକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେହିପରି ଦଫା ୩୬୩ ରେ ୭ ବର୍ଷ ଓ ଦଫା ୩୬୬ ରେ ୧୦ ବର୍ଷ ସଶ୍ର ସଶ୍ରମ କାରାଦଣ୍ଡ ସହିତ ଉଭୟ ମାମଲାରେ ୫୦ ହଜାର ଟଙ୍କା ଲେଖାଁଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅତିରିକ୍ତ ୧ ବର୍ଷ ଲେଖାଁଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଦଣ୍ଡାଦେଶ ଅଭିଯୁକ୍ତଙ୍କୁ ସମାନ୍ତରାଳ ଭାବେ ଏକ ସଙ୍ଗେ ଭୋଗିବାକୁ ମଧ୍ୟ ବିଚାରପତି ନିଜ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି। ମାମଲାର ସମ୍ପୂର୍ଣ୍ଣ ବିବରଣୀ ଅନୁଯାୟୀ, ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଗଣେଶ ନଗରରେ ପୀଡ଼ିତା ୧୪ ବର୍ଷ ବୟସ୍କା ନାବାଳିକା ଜଣକ ନିଜ ପରିବାର ସହ ରହୁଥିଲେ। ସେହିପରି ରେଙ୍ଗାଲିରେ ଥିବା ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଅଭିଯୁକ୍ତ (ଅନୁଗୁଳ) ପାପୁନ ଏକ ଭଡ଼ାଘରେ ପୀଡ଼ିତାଙ୍କ ପଡ଼ୋଶୀ ଭାବେ ରହୁଥିଲେ। ଅଭିଯୁକ୍ତ ପାପୁନ ଓ ପୀଡ଼ିତାଙ୍କ ମଧ୍ୟରେ ମଧ୍ୟ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପାପୁନ ବିବାହର ପ୍ରତିଶ୍ରୁତିରେ ଗତ ୨୦୨୧ ସେପ୍ଟେମ୍ବର ୩ ତାରିଖ ରାତିରେ ପୀଡ଼ିତାଙ୍କୁ ଅପହରଣ କରି ହାଇଦ୍ରାବାଦ ନେଇ ଯାଇଥିଲେ। ସେଠାରେ ଖଜରପୁର ନାମକ ଏକ ସ୍ଥାନରେ ଏକ ଘରେ ପୀଡ଼ିତାଙ୍କୁ ବାନ୍ଧିରଖି ପୀଡ଼ିତାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରି ଆସୁଥିଲେ। କିଛିଦିନ ପରେ କୌଶଳ କ୍ରମେ ପୀଡ଼ିତା ଜଣକ ନିଜ ପରିବାର ଲୋକଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲା। ଝିଅର ଏଭଳି ଅବସ୍ଥା ସମ୍ପର୍କରେ ଜାଣିବା ପରେ ପୀଡ଼ିତାଙ୍କ ମାତା ପିତା, ପରିବାରର ଅନ୍ୟାନ୍ୟ ଲୋକଙ୍କ ସହ ରେଙ୍ଗାଲି ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ରେଙ୍ଗାଲି ଥାନାରେ କେସ ନମ୍ବର ୧୫୭/୨୦୨୧ରେ ଦଫା ୩୬୩, ୩୬୬, ୩୭୬(୩)(୨) ଓ ୬ ପୋକ୍ସୋ ଆଇନରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ପୋଲିସ ଦଳ ହାଇଦ୍ରାବାଦ ଯାଇ ସେଠାରୁ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରି ସମ୍ବଲପୁର ଆଣି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଚାର୍ଜସିଟ୍ ଦାଖଲ ପରେ କୋର୍ଟରେ ଶୁଣାଣି ଆରମ୍ଭ ହୋଇଥିଲା। ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ପୋକ୍ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତ ପାପୁନକୁ ଦୋଷୀସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି ।

# ମାନବସେବାକୁ ଗୁରୁତ୍ୱ ଦେଇ ଟିମ୍ ଅର୍ବାନ୍ ବାତ୍ୟାରେ ଶୂନ୍ୟ ମୃତାହତକୁ ସୁନିଶ୍ଚିତ କରିଛି

ଭୁବନେଶ୍ୱର, ୨୮/୧୦ (ନି.ପ୍ର): 'ଦାନା' ବାତ୍ୟାରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ଟିମ୍ ଅର୍ବାନ୍'ର ପ୍ରଭାବୀ କାର୍ଯ୍ୟକଳାପ ଓ ପ୍ରତିରୋଧୀ ପଦକ୍ଷେପ ଫଳପ୍ରଦ ହୋଇଛି । ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଦିଗ୍‌ଦର୍ଶନରେ 'ଟିମ୍ ଅର୍ବାନ୍' ବିଭିନ୍ନ ପ୍ରସ୍ତୁତିରେ ସଫଳ ହୋଇଥିବାବେଳେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ନେତୃତ୍ୱରେ ଶୂନ୍ୟ ମୃତାହତକୁ ସୁନିଶ୍ଚିତ କରିପାରିଛି । ଭାରତୀୟ ପାଣିପାଗ ସଂସ୍ଥାର ବାତ୍ୟା ସୂଚନା ପାଇବା ପରେ ପରେ ବିଭିନ୍ନ ମ୍ୟୁନିସିପାଲ କମିଶନର ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ନିର୍ବାହୀ ଅଧିକାରୀମାନେ ସମ୍ଭାବ୍ୟ ପ୍ରଭାବିତ ଅଂଚଳଗୁଡ଼ିକରେ ସମନ୍ୱିତ ଭାବରେ କାର୍ଯ୍ୟ ଆରମ୍ଭ କରିଦେଇଥିଲେ । ଦକ୍ଷତାର ସହିତ ଲୋକମାନଙ୍କ ସୁରକ୍ଷା ତଥା ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଓ ସରକାରୀ ମାର୍ଗଦର୍ଶିକା ଅନୁସାରେ ଅଧିକାରୀମାନେ କାର୍ଯ୍ୟ ପରିଚାଳନା କରିଥିଲେ । ଅଧିକାରୀମାନଙ୍କ ଯୋଗାଯୋଗ କୌଶଳ ଫଳରେ ସ୍ୱଚ୍ଛତାର ସହିତ ପ୍ରଭାବିତ ହେବାକୁଥିବା ଲୋକମାନଙ୍କ ସାଙ୍ଗରେ ସମୟୋପଯୋଗୀ ସଂପର୍କ ସ୍ଥାପନ କରାଯାଇଥିଲା, ସ୍ଥାନାନ୍ତର ଯୋଜନା, ଆଶ୍ରୟସ୍ଥଳ ଓ ସୁରକ୍ଷା ନିର୍ଦ୍ଦେଶାବଳୀ ଉପରେ ରିଅଲ୍ ଟାଇମ୍ ଅପ୍‌ଡେଟ୍ କରାଯାଇଥିବାବେଳେ ଜନସାଧାରଣଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ହ୍ରାସ ପାଇ ବିଶ୍ୱାସ ଉଦ୍ରେକ ହୋଇଥିଲା । ଅଧିକାରୀମାନେ ବୃଦ୍ଧ, ଭିନ୍ନକ୍ଷମ ଓ ପିଲାମାନଙ୍କ ସହିତ ପରିବାର ସମେତ ଅସୁରକ୍ଷିତ ଗୋଷ୍ଠୀର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ନିରାପଦ, ସୁବିଧାଜନକ ସ୍ଥାନାନ୍ତରଣ ମାର୍ଗ ଏବଂ ଆଶ୍ରୟସ୍ଥଳର ଆୟୋଜନ କରିଥିଲେ । ଆଶ୍ରୟସ୍ଥଳଗୁଡ଼ିକରେ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଓ ଚିକିତ୍ସା ସାମଗ୍ରୀ ଇତ୍ୟାଦିର ବ୍ୟବସ୍ଥା ଫଳରେ ପ୍ରଭାବିତ ହେବାକୁ ଥିବା ଲୋକମାନଙ୍କର କୌଣସି ସମସ୍ୟା ସୃଷ୍ଟି ହୋଇନଥିଲା । ବିଭିନ୍ନ ପ୍ରଭାବିତ ଅଂଚଳରେ ନିର୍ବାହୀ ଅଧିକାରୀମାନଙ୍କ ନେତୃତ୍ୱରେ ଡ୍ରେନ୍ ସଫା ଓ ପମ୍ପ ନିୟୋଜନ ଇତ୍ୟାଦି ପାଇଁ ସ୍ଥାନୀୟ ଇଂଜିନିୟରିଂ ଦଳ ସହ ସମନ୍ୱୟ ରକ୍ଷା କରାଯାଇଥିଲା । ଅନୁରୂପ ଭାବରେ ବାତ୍ୟାପ୍ରବଣ ଅଂଚଳଗୁଡ଼ିକରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

# କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ' ୨୦୨୪'ର ଶୁଭାରମ୍ଭ

ଜୟପୁର, ୨୮/୧୦ (ନି.ପ୍ର): ପ୍ରତିବର୍ଷ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଜିଲ୍ଲା ସଦର ମହକୁମା କୋରାପୁଟ ଠାରେ ଆୟୋଜିତ ଅଦିବାସୀ ଉତ୍ସବ ପରବ ନାମରେ ପରିଚିତ। ଏହା କୋରାପୁଟ ଜିଲ୍ଲାରେ ପାଳିତ ହେଉଥିଲେ ମଧ୍ୟ ରାଜ୍ୟ ସ୍ତରୀୟ ଉତ୍ସବର ମାନ୍ୟତା ପାଇଛି । ମାସ ବ୍ୟାପି ପାଳିତ ହେଉଥିବା ଏହି ଉତ୍ସବରେ ଖେଳ, ନାଚ, ଗୀତ, ନୌକା ଚାଳନା, ତୀର ଚାଳନା, କବି ସମ୍ମିଳନି ଆଦି ଅନୁଷ୍ଠିତ ହୋଇଥାଏ। ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ମାନେ ଏହି ଉତ୍ସବରେ ଭାଗ ନେଇଥାନ୍ତି। ଜିଲ୍ଲା ସ୍ତରରେ ମୁଖ୍ୟ ଉତ୍ସବ ୩ ଦିନ ପାଳିତ ହେଉଥିଲେ ମଧ୍ୟ ପଲ୍ଲୀଶ୍ରୀ ମେଳା ୫ ଦିନ ପର୍ଯ୍ୟନ୍ତ ଚାଲିଥାଏ। ଏହି ଉତ୍ସବକୁ ଉପଭୋଗ କରିବାପାଇଁ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ଚଳିତ ବର୍ଷ କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀର ମଉଳୀ ମାଁ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହେଲା ରାଜ୍ୟସ୍ତରୀୟ ଲୋକ ମହୋତ୍ସବ 'ପରବ-୨୦୨୪। ସେମିଳିଗୁଡା ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମାଁ ମଉଳୀ ମନ୍ଦିରରେ ପୂଜାର୍ଚ୍ଚନା ସହ ଏହି ଲୋକ ମହୋତ୍ସବ ପାଇଁ ବିଗୁଲ ବାଜିଛି। ଉତ୍ସବରେ ସାମିଲ ହୋଇଥିଲେ ୧୪ ଟି ବ୍ଲକର ଲୋକପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ କଳାକାର ଓ ଜନସାଧାରଣ। ପ୍ରାୟ ୧୦ ହଜାର ଲୋକ ସମାଗମ ସାଙ୍ଗକୁ ନାଚଗୀତରେ ଦୁଲୁକି ଥିଲା ସେମିଳିଗୁଡା ବ୍ଲକ। ମଉଳୀ ମାଁ ଙ୍କ ମନ୍ଦିରରୁ ଆରମ୍ଭ ହୋଇଛି କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ'। ଆଦିବାସୀଙ୍କ ପାରମ୍ପାରିକ ନୃତ୍ୟ ଗୀତରେ ପ୍ରକମ୍ପିତ ହୋଇଥିଲା ସେମିଳିଗୁଡା। ଆଜି ସକାଳ ୮ ଟା ସମୟରେ କୋରାପୁଟ ନିଶାଣୀମୁଣ୍ଡା ଠାରେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ସ୍ଥିତ ମାଁ ମଉଳୀ ମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ସହ ମଶାଲ ପ୍ରଜ୍ୱଳନ କରି ବିରାଟ ଶୋଭାଯାତ୍ରାରେ ମଶାଲ ବାହାରି ଗ୍ରାଉଣ୍ଡରେ ପହଂଚିଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଉଦଘାଟନ ଉତ୍ସବ ପରେ ବିଭିନ୍ନ ବ୍ଲକ ଓ ସହରାଂଚଳ ସ୍ତରରେ 'ପରବ' ପାଳନ କରାଯିବ। ଏହା ପରେ ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ କୋରାପୁଟରେ ଆୟୋଜନ କରାଯିବ। ଗାଁ ଗହଳିର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ 'ପରବ' ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଛନ୍ତି ସ୍ଥାନୀୟ ଲୋକ ଓ କଳାକାର। ଏହି ଲୋକ ମହୋତ୍ସବକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଭରପୁର ଚେଷ୍ଟା କରାଯାଇଥିବା କହିଛନ୍ତି କୋରାପୁଟ ଜିଲ୍ଲାପାଳ। ଏଥିରେ ସାମିଲ ହୋଇ ଖୁସି ବ୍ୟକ୍ତ କରିଥିଲେ ସ୍ଥାନୀୟ କଳାକାର ଓ ଅଧିବାସୀ। ଏହି ଉତ୍ସବରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ସମେତ କୋଟପାଡ଼ ବିଧାୟକ ରୂପ ଭତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ,ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋରାପୁଟ ଡ଼ିଆଇଜି , କୋରାପୁଟ ଆରକ୍ଷୀ ଅଧିକ୍ଷକ,ଡି.ଏମ୍ କୋରାପୁଟ, ପଂଚାୟତ ସମିତି ସେମିଳିଗୁଡା ସଭାପତି,ଦୁଧାରୀ ପଂଚାୟତ ସରପଂଚ, ଏଡିଏମ୍, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲକା, ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ଜୟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଶକ୍ତି ମହାପାତ୍ର, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗଦେଇ ୨୭ ତମ 'ପରବ' ମହୋତ୍ସବକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ଓ ସହରାଂଚଳରେ ଆୟୋଜିତ ହେବାକୁ ଥିବା 'ପରବ'ରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଚୟନ କରାଯିବ ଓ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯିବ।

# ମହିଳାଙ୍କୁ ଛୁରି ଦେଖାଇ ସୁନାହାର ଲୁଟ୍

ଜୟପୁର, ୨୮/୧୦ (ନି.ପ୍ର): କୋରାପୁଟ ଜିଲା କୋଲାବ ଅଂଚଳରେ ଲୁଟ୍ । ୩ ଦୁର୍ବୃତ ମହିଳଙ୍କୁ ଛୁରି ଦେଖାଇ ଲୁଟ୍ କରିଥିଲେ । ମହିଳା ପିନ୍ଧିଥିବା ସୁନା ଖାସୁ ମାଳ ଲୁଟ କଲେ। ଏହି ଘଟଣା ଅଂଚଳରେ ଚହଳ ସୃଷ୍ଟି କରିଛି । ରବିବାର ସକାଳୁ ମାର୍କେଟ ଲାଇନର ୨ ଜଣ ପଡୋଶି ସୁବାସିନି ଖରା ଓ ଜୟନ୍ତି ଡାକୁଆ ମହିଳା ପ୍ରାତଃ ଭ୍ରମଣରେ ଘରୁ ବାହାରି ଧଉଡାପଦର ଯାଇ ଫେରିବା ବେଳେ ସକାଳ ୬ଟା ୩୦ ମିନିଟ୍ ସମୟରେ ଓସିସି ଗଡାଣିଆ ରାସ୍ତାରେ ବିପିରିତ ଦିଗରୁ ୩ ଜଣ ଦୁର୍ବୃତ ଧଳା ରଙ୍ଗର ବାଇକ୍ ରେ ଆସି ମହିଳାଙ୍କ ନିକଟରେ ବାଇକ୍ ରଖି ଛୁରି ଦେଖାଇ ଭୟଭିତ କରି ସୁବାସିନି ଖରା ବେକରେ ପିନ୍ଧିଥିବା ପ୍ରାୟ ୩ ଭରିର ସୁନା ଖାସୁ ମାଳ ଲୁଟ୍ କରିଥିଲେ। ଅନ୍ୟ ଜଣକ ବେକରେ କିଛି ନଥିବାରୁ ତାଙ୍କୁ ଛାଡି ଦେଇଥିଲେ । ୩ ଜଣ ଦୁର୍ବୃତ ମୁହଁରେ କପଡା ଘୋଡାଇଥିବାରୁ କେହି ଚିହ୍ନି ପାରି ନଥିଲେ । ପୋଲିସର ନିଷ୍କ୍ରିୟତା ଯୋଗୁଁ ପ୍ରତ୍ୟେକ ଦିନ ଏପରି ଘଟଣା ଘଟୁଛି । ଜନ ସାଧାରଣଙ୍କ କହିବା ଅନୁଯାଇ କୋଲାବ ଅଂଚଳ କୋରାପୁଟ, ଜୟପୁରର ଅନ୍ଧାରିଆ ମଧ୍ୟ ସ୍ଥଳ ସମସ୍ତ ପ୍ରକାର ଅପରାଧର ପେଣ୍ଠସ୍ଥଳି ଭାବେ ପରିଚିତ । ଉକ୍ତ ଅଂଚଳରେ ସମସ୍ତ ପ୍ରକାର ଅସାମାଜିକ କାର୍ଯ୍ୟ ହେଲେ ମଧ୍ୟ ଲୋକେ ଚୁପ୍ ରହିବାକୁ ବାଧ ହେଉଛନ୍ତି । ପାଟି ଖୋଲିଲେ ସଂଘବଦ୍ଧ ଆକ୍ରମଣ ମଧ୍ୟ ହେଉଥିବା ନଜିର ରହିଛି । ଏଠି ଚୋର, ପୋଲିସର ଭାଇ ଭାଇର ସମ୍ପର୍କ ରହିଛି । ପ୍ରାୟ ୨୦୧୬ ମସିହା ଠାରୁ ଏହି ଅପରାଧର ମଞ୍ଜି ବୁଣି ଥିବା ଅଂଚଳରେ ଚର୍ଚ୍ଚା ହେଉଛି । ବର୍ତମାନ ପ୍ରତ୍ୟେକ ଦିନ କୋଲାବ ଅଂଚଳରେ ଚାଲିଥିବା ଜୁଆ ଆଡ୍ଡାରେ ଜୁଆ ଖେଳିବାକୁ ବାହାରୁ ଜୁଆଡ୍ଡି ମାନେ ଆସନ୍ତି । ରାତିରେ ଜୁଆ ଖେଳି ସକାଳୁ ଏପରି କାଣ୍ଡ ଭିଆଇଥିବା ଅଂଚଳରେ ଚର୍ଚ୍ଚା ହେଉଛି ।

# ୪୧୪ କେଜି ଗଞ୍ଜେଇ ଜବତ

ଜୟପୁର, ୨୮/୧୦ (ନି.ପ୍ର): ବଡାଅଟାଳ ଜଙ୍ଗଲରୁ ଜବତ ୪୧୪ କେଜିଗଞ୍ଜେଇକୁ କୋର୍ଟଚାଲାଣ କରିଛି ବୈପାରୀଗୁଡା ପୋଲିସ । ରବିବାର ସକାଳ ଦଶଟା ସମୟରେ ବୈପାରୀଗୁଡା ଥାନାରେ ଏଭଳି ଦେଖିବାକୁ ମିଳିଛି । ଫେଲ୍ ମାରିଲେ ଗଞ୍ଜେଇ ମାଫିଆ । ଅଭିନବ ଉପାୟରେ ଚୋରା ଚଲାଣ ପାଇଁ କାଠପୋଡା ପଂଚାୟତର ବଡ଼ଅଟାଳ ଜଙ୍ଗଲରେ ଗଛିତ ରଖିଥିଲେ ଗଞ୍ଜେଇ । ଖବର ପାଇ ମାଡ଼ି ବସିଲା ବୈପାରୀଗୁଡା ପୋଲିସ । ଚୋରା ଚାଲାଣ ପୂର୍ବରୁ ଚାରିଶହ କିଲୋ ଗଞ୍ଜେଇ ଜବତ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପଚାଶ ଲକ୍ଷ ଟଙ୍କା ବୋଲି ଜଣାପଡିଛି । ସେପଟେ ଜବତ ଗଞ୍ଜେଇ ଆଜି ସକାଳେ ଜୟପୁର କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୁକ୍ତଙ୍କୁ ଖୋଜାଖୋଜି ଆରମ୍ଭ କରିଛି ବୈପାରୀଗୁଡା ପୋଲିସ ।

# ଶ୍ରୀହରିନାମ ପ୍ରଚାର ସମିତିର ମାସିକ ବୈଠକ

ବଲାଙ୍ଗୀର, ୨୮/୧୦ (ନି.ପ୍ର): ବିଶିଷ୍ଟ ପ୍ରବଚିକା, ଲେଖିକା ତଥା ଅଧ୍ୟାପିକା ଏଲୋରା ମିଶ୍ରଙ୍କ ଦ୍ୱାରା ଗଠିତ ଶ୍ରୀହରିନାମ ପ୍ରଚାର ସମିତିର ମାସିକ ବୈଠକ ବିଷ୍ଣୁମୁଣ୍ଡା ସ୍ଥିତ ଅନ୍ନପୂର୍ଣ୍ଣା ନଗରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରତିଷ୍ଠାତା ସଭାପତି ଏଲୋରା ମିଶ୍ର, ଉପ-ସଭାପତି ସୀତାଂଶୁ ଶେଖର ନାୟକ, ସମ୍ପାଦକ ଦୁର୍ଗାଚରଣ ସାହୁ, ସହ-ସଂପାଦକ ଦେବାଶିଷ ମିଶ୍ର, ଉପଦେଷ୍ଟା ଦୁର୍ଯ୍ୟୋଧନ ନାଏକ, ସରିତା ସାହୁ, କବିତା ସାହୁ, ବାସ୍ମାରାଣୀ ନାୟକ, ମନୀଷ ସାହୁ, ମୋନାଲିସା ସାହୁ, ଜିଜ୍ଞାରାଣୀ ସାହୁ, ସାଧୁରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟା ଆଳରେ କାଠ ମାଫିଆ ସକ୍ରିୟ : ବନ ବିଭାଗ ଦୃଷ୍ଟି ଦେବାକୁ ଦାବି

ଧର୍ମଶାଳା, ୨୮/୧୦ (ନି.ପ୍ର): ସାମ୍ଭବ୍ୟ ବାତ୍ୟା ଦାନା ଆସିବା ପୂର୍ବରୁ ପାଣିପାଗ ବିଭାଗ ଆଗୁଆ ସୂଚନା ଦେଇଥିଲା । ଏନେଇ ଜନସାଧାରଣଙ୍କୁ ଭୟଭିତ ନ ହୋଇ ସତର୍କତା ପନ୍ଥା ଅବଲମ୍ବନ କରିବାକୁ ଘନ ଘନ ପରାମର୍ଶ ଦିଆଯାଇଥିଲା। ଆଗକୁ ବାତ୍ୟାର ପ୍ରକୋପ ବଢିବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଗଣମାଧ୍ୟମରେ ଆଗୁଆ ସୂଚନା ଦିଆଯାଇଥିବା ବେଳେ ପରେ ବାତ୍ୟା ଦୁର୍ବଳ ହୋଇଯିବା ସହିତ ଲଗାଣ ବର୍ଷା ଲାଗି ରହିଥିଲା। ବିଶେଷ କରି ଯାଜପୁର ଜିଲାରେ ସେତେଟା ପ୍ରଭାବ ପଡି ନ ଥିବା ବେଳେ କେବଳ ଲଗାଣ ବର୍ଷା ଜାରି ରହିଥିଲା । ଏହାର ସୁଯୋଗ ନେଇଥିଲେ କାଠ ମାଫିଆ। ବାତ୍ୟାରେ ଗଛ ଭାଙ୍ଗି ପଡିଥିବା ଆଳରେ ବିଭିନ୍ନ ସରକାରୀ ଓ ବ୍ୟକ୍ତିଗତ ଜମିରୁ ବଡବଡ ଗଛ କାଟି ନିଆଯାଉଥିବା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅଂଚଳରେ । ବ୍ରହ୍ମବରଦା ଓ ବନ୍ଧଡିହ ପଂଚାୟତ ସମେତ ଏହାର ଆଖପାଖ ଅଂଚଳରୁ କାଠ ମାଫିଆମାନେ ସକ୍ରୀୟ ହୋଇ ସରକାରୀ ଜମିରୁ ଗଛ କାଟି ନେବା ସହ ଏହି ଅଂଚଳର ଲୋକମାନେ ନିଜ ନିଜ ଜମିରୁ ଗଛ କାଟି ମାଫିଆମାନଙ୍କୁ ବିକ୍ରୀ କରୁଥିବା ଜଣାଯାଇଛି । ମାଫିଆମାନେ ଦିନ ରାତି ଏକ କରି ଭୋର ସମୟରେ ଟ୍ରାକ୍ଟର ଦ୍ୱାରା ଅଂଚଳର ବିଭିନ୍ନ କରତକଳକୁ କାଠ ନିଆଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ବ୍ୟକ୍ତିଗତ ଜମିରୁ ଗଛ କାଟିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ଏହି ବାତ୍ୟା ଆଳରେ ମାଫିଆଙ୍କୁ ଲଗାଇ ବଡବଡ ଗଛ କଟା ଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ମାଫିଆମାନେ ନମ୍ବର ବିହୀନ ଟ୍ରାକ୍ଟରରେ କଟା ଗଛ ପରିବହନ କରୁଥିବା ଦେଖିବାକୁ ମିଳିଛି । ଟ୍ରାକ୍ଟରରେ କାଠ ପରିବହନ ନେଇ କୌଣସି ସରକାରୀ ନିୟମ ନ ଥିବା ବେଳେ ବ୍ରହ୍ମବରଦା ଅଂଚଳରୁ କିପରି ଟ୍ରାକ୍ଟରରେ ଦୈନଦିନ ୫ଟ୍ରିପ୍ କାଠ ବିଭିନ୍ନ କରତକଳକୁ ଚାଲାଣ କରାଯାଉଛି ।

# ମାତୃ କର୍ମଶାଳା ଅନୁଷ୍ଠିତ

ଜୟପୁର, ୨୮/୧୦ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ଶିଶୁ ବାଟିକା ବିଭାଗରେ " ମାତୃ କର୍ମଶାଳା " ବଡ ଆଡ଼ମ୍ବରରେ ପାଳିତ ହୋଇସାରିଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନନୀୟ। ଶ୍ରୀମତୀ କବିତା ସାହୁ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯକ୍ରମଟିକୁ ଆଗେଇ ନେବା ସହ ମାନନୀୟ ଶ୍ରୀ ଶିଶିର ଚନ୍ଦ୍ର ଦାସ, ଶ୍ରୀମତୀ ସସ୍ମିତା ଦାସ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେବାରେ ସହଯୋଗ କରିଥିଲେ । ମାତୃ କର୍ମଶାଳା ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଶ୍ରୀମତୀ କବିତା ସାହୁ ମାଆମାନଙ୍କୁ ବୌଦ୍ଧିକ ମାଧ୍ୟମରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ମୋଟ ୫୦ ଜଣ ଶିଶୁ ଏବଂ ୪୭ଜଣ ମାଆ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଦ୍ୱରାନ୍ୱିତ କରିଥିଲେ । ମାଆ ଏବଂ ଶିଶୁ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ଯଥା ହର୍ଡଲ୍ସ, ସଂଖ୍ୟା ଅନୁସାରେ ପେଣ୍ଡୁ ଆଣିବା, ପାପୁଲିରେ ପାଣିଗ୍ଲାସ୍ ଧରି ଚାଲିବା, ଟ୍ରେନ ଖେଳ ଓ ଆକୃତି ଅନୁସାରେ ସ୍ଥାନକୁ ଯିବା ଆଦି ଖେଳ ଖେଳାଯାଇଥିଲା । ଖେଳିବା ଦ୍ୱାରା କିଭଳି ଶିଶୁଙ୍କ ଶାରୀରିକ ବିକାଶ ହୋଇପାରିବ ସେସମ୍ପର୍କରେ ଧାରଣା ଦିଆଯାଇଥିଲା । ଖେଳ ଖେଳିବା ପରେ ଏକ ମିନିଟ୍ କାର୍ଯ୍ୟକ୍ରମ ମାଆ ମାନଙ୍କର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଆ ମାନଙ୍କର ମାଳି ଗୁନ୍ଥିବା, ବେଲୁନ ଫୁଙ୍କିବା, ବଲ୍ ଆଣିବା, ବାଟି ଚାମଚ ରେ ଧରି ଚାଲିବା, କପ୍ ରେ ପିରାମିଡ୍ ସଜାଇବା ଭଳି ବିଭିନ୍ନ କାର୍ଯକ୍ରମ କରାଯାଇଥିଲା ।ମାଆ ଏବଂ ଶିଶୁ ମାନଙ୍କୁ ନେଇ ରଙ୍ଗୀନ କାଗଜ କାଟି ଗୁଡ଼ି ପ୍ରସ୍ତୁତ କରିବା ହସ୍ତକର୍ମ ଟି କରାଯାଇଥିଲା । ହସ୍ତକର୍ମ ସହ ଅଦରକାରୀ ବସ୍ତୁରେ ତିଆରି ବିଭିନ୍ନ ଉପକରଣ ଗୁଡିକ ର ପ୍ରଦର୍ଶନୀ ଦେଖା ଯାଇଥିଲା ।ପରିଶେଷରେ ଶାନ୍ତିପାଠ କରାଇ କାର୍ଯ୍ୟକ୍ରମଟିକୁ ସମାପ୍ତ କରାଯାଇଥିଲା । ଶିଶୁ ବାଟିକା ବିଭାଗ ର ସମସ୍ତ ଗୁରୁମା , ବିଦ୍ୟାଳୟ ର ସମସ୍ତ ସେବକ ସେବିକା ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ମଣ୍ଡିତ ହୋଇଥିଲା ।

# ଆଜିଠୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ: ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଲେ ଜିଲ୍ଲାପାଳ



ବାରିପଦା, ୨୮/୧୦ (ନି.ପ୍ର): ଜିଲ୍ଲା ପ୍ରଶାସନର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସ୍ଥାନୀୟ ଓଶ୍ୱାନ ସମ୍ମିଳନୀ କକ୍ଷଠାରେ ସୋମବାର ଦିନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହୋଇଯାଇଛି । ଏହି ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ ,ଖୁଣ୍ଟା ସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରୁ ଆଭାସୀ ମାଧମରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱର ଠାରୁ ସିଧାପ୍ରସାରଣ ହେଉଥିବା କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ, ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ଆଭାସୀ ମାଧମରେ ଶପଥ ପାଠ କରାଇଥିଲେ ଏବଂ ଦୁର୍ନୀତିକୁ ଏକ ସାମାଜିକ ବ୍ୟାଧି ବୋଲି ବର୍ଣ୍ଣନା କରିଥିଲେ।

ସୂଚନା ଥାଉକି, ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଆଜି ସକାଳ ୧୧ଟା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭିଡ଼ିଓ କନଫେରେନ୍ସ ମାଧମରେ ରାଜ୍ୟବାସୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଦୁର୍ନୀତି ହେଉଛି ବିକାଶ ପଥର ମୁଖ୍ୟ ବାଧକ । ତେଣୁ ସମ୍ମିଳିତ ଭାବେ ରାଜ୍ୟର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରି ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତିଭୂମି' ପ୍ରସଙ୍ଗ ଆଧାରରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗୀୟ, ଉପବିଭାଗୀୟ, କାର୍ଯ୍ୟାଳୟ ମୁଖ୍ୟ, ସରକାରୀ ମୁଖ୍ୟ ଓ ମୁଖ୍ୟ କାର୍ଯ୍ୟାଳୟ, ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କରେ କାର୍ଯ୍ୟାରତ ସମସ୍ତ ଅଧିକାରୀଙ୍କୁ ଓ ଗଣମାଧମର ପ୍ରତିନିଧି ମାନଙ୍କୁ ଜିଲ୍ଲାପାଳ ସାଧୁତାର ଶପଥ ପାଠ କରାଇଥିଲେ। ଦୁର୍ନୀତି ନିବାରଣ ନିର୍ଯ୍ୟାସ ଆଧାରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, କାର୍ଟୁନ,ଏବଂ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଛି । ପ୍ରତିଯୋଗିତାରେ ସମସ୍ତ ଜିଲ୍ଲାରୁ ଜିତିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ - ୨୦୨୪ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

ଆଜିଠାରୁ ଆରମ୍ଭ ହୋଇଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନରେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଛାତ୍ର ସମାଜ, ଯୁବ ଗୋଷ୍ଠୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ ଅନୁଷ୍ଠାନ ଏବଂ ସାଧାରଣ ଜନତା, ବ୍ୟକ୍ତିଗତ ସଂସ୍ଥା ଦୁର୍ନୀତି ବିରୁଦ୍ଧରେ ସର୍ବସାଧାରଣରେ ସ୍ୱର ଉତ୍ତୋଳନ ପାଇଁ ଦୁର୍ନୀତି ନିବାରଣ ସଂସ୍ଥା ଓ ସଂଗଠନଙ୍କୁ ଦୁର୍ନୀତି ନିବାରଣ ଅଭିଯାନରେ ସାହାଯ୍ୟ ଓ ସହଯୋଗ କରିବେ ।

ଆଜିର ଏହି କାର୍ଯ୍ୟକ୍ରମରେ, ବାରିପଦା ଠାରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ରଜନୀକାନ୍ତ ସ୍ୱାଇଁ, , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅଭୟ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଶାନ୍ତନୁ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିସ୍ୱରାଜ ବେହେରା ଓ ବାରିପଦା ଭିଜିଲାନ୍ସ ୟୁନିଟର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ମାଝୀ, ଇନ୍ସପେକ୍ଟର ବିକାଶ ସ୍ୱାଇଁ, ଲଳିତ ରାଉତ , ବ୍ରଜ ପଟ୍ଟନାୟକ, ପ୍ରଶାନ୍ତ ଦଣ୍ଡପାଟ, ଜୟନ୍ତ ପୃଷ୍ଟିଙ୍କ ସମେତ ଆଭାସୀ ମାନ୍ୟମରେ ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବାତ୍ୟା (ଦାନା) ପାଇଁ ଉଦଳାରେ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ଉଦଳା , ୨୮/୧୦ (ନି.ପ୍ର): ନିକଟରେ ଘଟିଯାଇଥିବା ବାତ୍ୟା (ଦାନା)ର ମୁକାବିଲା ପାଇଁ କପ୍ତିପଦା ଉପଖଣ୍ଡ ପ୍ରଶାସନ ତରଫରୁ ନିଆଯାଇଥିବା ପଦକ୍ଷେପ ଏବଂ କ୍ଷୟକ୍ଷତିର ଆକଳନ ପାଇଁ ମାନ୍ୟବର ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡ଼ା.କୃଷ୍ଣଚନ୍ଦ୍ର ମହାପାତ୍ର ଉଦଳା ଠାରେ ଏକ ସମୀକ୍ଷା ବୈଠକ କରିଥିବାର ଜଣାଯାଇଛି । ଉକ୍ତ ବୈଠକରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ସମେତ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର କୁମାର ଖମାରି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ମନ୍ତ୍ରୀଙ୍କ ବ୍ୟକ୍ତଗତ ସଚିବ ରାମଚନ୍ଦ୍ର ସୋରେନ ପ୍ରମୁଖ ମଂଚାସୀନ ଥିବା ବେଳେ ୪ଗୋଟି ବ୍ଲକର ପ୍ରଶାସନିକ ଅଧିକାରୀ, ବାତ୍ୟା ମୁକାବିଲା ପାଇଁ ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ଓ ଗଣମାଧମର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ । ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ବିଭିନ୍ନ ସ୍ଥାନରେ ମୋଟ ୧୮୪ ଗୋଟି ବାତ୍ୟା ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଥିବା ବେଳେ ସମୁଦାୟ ୩୯୩୮୦ ଜଣଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଥିବାର ସୂଚନା ଅଧିକାରୀ ମାନେ ପ୍ରକାଶ କରିଥିଲେ । ସେହିପରି ଉପଖଣ୍ଡ ପ୍ରଶାସନ ତରଫରୁ ୮ ଗୋଟି ମେଡ଼ିକାଲ ଟିମ୍, ୪ଗୋଟି ଭେଟେନାରି ଟିମ୍, ୨ ଗୋଟି ଓଡ୍ରାଫ ଟିମ୍, ୫ ଗୋଟି ଅଗ୍ନିଶମ ଦଳ ଏବଂ ୨ ଗୋଟି ଜରୁରି ସେବା ଦଳ ବାତ୍ୟା ମୁକାବିଲା ପାଇଁ ନିୟୋଜିତ ଥିଲେ ବୋଲି ବିଭାଗୀୟ ଅଧିକାରି ଅବଗତ କରାଇଛନ୍ତି । ଶେଷରେ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ ଲୋକଙ୍କୁ ଚିହ୍ନଟ କରି ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି ।

## ବରଣ୍ଡୁଆରେ ବାତ୍ୟା ଅଞ୍ଚଳ ବୁଲିଲେ ବିଷ୍ଣୁବ୍ରତ



ବାସୁଦେବପୁର, ୨୮/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମ ପଞ୍ଚାୟତ ର ଦାନା ବାତ୍ୟାରେ ଅନେକ ସ୍ଥାନ ଓ ଧାନ ଚାଷ ଜଳ ମଗ୍ନ ହୋଇଛି । ଏହି ବାତ୍ୟା ଅଞ୍ଚଳକୁ ବୁଲି ଲୋକ ମାନଙ୍କ ଦୁଃଖ ଓ ସମସ୍ୟା ପଚାରି ବୁଝି ଥିଲେ ବାସୁଦେବପୁର ର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ଶ୍ରୀ ରାଉତରାୟ ଙ୍କ ସହିତ ବିଡ଼ିଓ ସଞ୍ଜୀବ କୁମାର ସାହୁ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ , ସମାଜ ସେବୀ ଦୀନବନ୍ଧୁ ଦାସ,ପୂର୍ବତନ ସରପଞ୍ଚ ସୂର୍ଯ୍ୟ କାନ୍ତ ସେଠି, ଦିପକ ପୋଇ ପ୍ରମୁଖ ବାତ୍ୟା ଅଂଚଳ ବୁଲି କ୍ଷୟ କ୍ଷତି କୁ ଦୃଷ୍ଟି ଦେଇଥିଲେ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକ ମାନଙ୍କ ସହିତ ଆଲୋଚନା କରିଥିଲେ । ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିବା ସହିତ ଚାଷ ଜମି ରେ ଜଳ ମାଡ଼ି ଯାଇ ଅନେକ କ୍ଷୟ କ୍ଷତି ଘଟାଇଛି ବାତ୍ୟା ଦାନା । ଗମେଇ ନଈ ରେ ପାଣି ବଢୁ ଥିବାରୁ ଲୋକ ମାନେ ଭୟ ଭିତ ଅଛନ୍ତି । ତଥାପି ଲୋକ ମାନଙ୍କୁ ସାହସ ସଞ୍ଚୟ କରି କାର୍ଯ୍ୟ କରିବା ପାଇଁ ସାନ୍ତ୍ୱନା ଦିଆ ଯାଇଛି । ରତାଙ୍ଗ, ଚନ୍ଦନ ପୁର, ବିଷ୍ଣୁ ବିନ୍ଧା, ମଧୁସୂଦନପୁର, ସୂର୍ଜେଇ ପ୍ରଭୃତି ସ୍ଥାନ ସମସ୍ତେ ବୁଲି ଲୋକ ମାନଙ୍କ ଠାରୁ ବାତ୍ୟା ର ଦୁଃଖ କୁ ବୁଝିଥିଲେ ।

## ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଓ ଜରିମାନା

କଳାହାଣ୍ଡି , ୨୮/୧୦ (ନି.ପ୍ର): ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଓ ଜରିମାନା । ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ । ଧର୍ମଗଡ ଇଡଓି ଆଜି ଏହି ରାୟ ଶୁଣାଇଛନ୍ତି । ୨୦୧୫ ମସିହାରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଆମଯୋର ଗାଁରେ ମନୁ ରଣାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା । ବିଚ୍ ରାସ୍ତାରେ ମନୁଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିଲା । ପରେ ମୃତଦେହକୁ ଶିଶୁଘାଟି ଡଙ୍ଗରରେ ଫିଙ୍ଗି ଦେଇଥିଲେ । ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଖଗେଶ୍ୱର ରାଉତ ଓ ଗଦାଧର ରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି । ଧର୍ମଗଡ ଅତିରିକ୍ତ ଜିଲ୍ଲା ଦୌରାଜଜ(ଇଡଓି) ସୁରେଶ ଚନ୍ଦ୍ର ପ୍ରଧାନ ମାମଲାକୁ ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।


BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by : Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2024-25
B.Sc. Nursing (4 Years Degree Course)
Eligibility: +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 Years Diploma Course Eligibility : +2 Arts/ Science/ Commerce
A.N.M. 2 Years Course (Mark 40% & 35% for SC/ST Students) Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
BETNOTI COLLEGE OF PHARMACY
(Approved by: Directorate of Medical Education & Training. Govt. of Odisha)
Affiliated to Odisha State Board of Pharmacy (BBSR)
Course Offer: D. Pharm (2 yrs. Diploma in Pharmacy) (Eligibility: +2 Science)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission: 8455087373, 9861373681


## ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ଦାବି ପୂରଣ ପାଇଁ ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ



ବାଲେଶ୍ୱର, ୨୮/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳଙ୍କ ଅଫିସ୍ ରେ ଆମ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ବାଲେଶ୍ୱର ର ଶାଖାରେ ସଂଘର ସମ୍ପାଦକ ଗୋପାଳ କୁମାର ସିଂହ ଓ ସଭାପତି ନୀଳାମ୍ବର ଦାସଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଉପଜିଲ୍ଲାପାଳଙ୍କ ଠାରେ ଦାବିପତ୍ର ପ୍ରଦାନ କରିଛନ୍ତି । ସେହି ଦାବି ପତ୍ର ରେ ସମସ୍ତ କର୍ମଚାରୀ ଙ୍କୁ କମ୍ପାନୀରେ ନିଯୁକ୍ତି ଓ କାର୍ଯ୍ୟ କରିବାର ସଠିକ୍ ସମୟ ଓ ପାରିଶ୍ରମିକ ନିର୍ଦ୍ଧାରଣ ଓ ଓଭର୍ ଡ୍ୟୁଟି ୧ଘଣ୍ଟାକୁ ପାରିଶ୍ରମିକ ନିର୍ଦ୍ଧାରଣ ଏପରିକି ଠିକା ସଂସ୍ଥା ରୁ ମୁକ୍ତ କରାଇ ନିୟମିତ କରିବା । ୧୨ ଘଣ୍ଟା କାର୍ଯ୍ୟ କୁ ୧୨ଘଣ୍ଟା ପ୍ରାପ୍ୟ ଦିଆଯାଉ । ୧୦୮ ଆମ୍ବୁଲାନ୍ସ ର କର୍ମଚାରୀ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ଦିଆଯାଉ । ବେନିୟମ ଛଟେଇ ବନ୍ଦ କରାଯାଉ , ଓ ଠିକା ସଂସ୍ଥା ୧୦୮ କର୍ମଚାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ମହାସଂଘ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ହେଉ । କୌଣସି କାର୍ଯ୍ୟରତ କର୍ମଚାରୀ ଲୋକମାନଙ୍କ ଆକ୍ରମଣ ରେ ଶିକାର ହେଲେ ସ୍ୱତନ୍ତ୍ର ଦଣ୍ଡ ବିଧାନ ସହ ଦୋଷୀମାନଙ୍କୁ କଠିନ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଓ ଆମ୍ବୁଲାନ୍ସ ଧୋଇବା ସାନିଟାଇଜ୍ କରିବା ଓ ବିଶ୍ରାମ, ଖାଇବା କର୍ମଚାରୀ ସୁବିଧା କରିବା । ଶୌଚାଳୟ ର ବ୍ୟବସ୍ଥା କରିବା । ୧୦୨ ଜନନୀ ଡ୍ରାଇଭର ଙ୍କୁ ସ୍ୱତନ୍ତ୍ର ଭତ୍ତାରୁ ବଞ୍ଚିତ ନକରି ୧୦୮ ର ସମାନ ସୁବିଧା ସୁଯୋଗ ଦିଆଯାଉ ବୋଲି ଦାବିରେ ଜଣାଇ ଥିଲେ । ଏହି ଦାବି ପୂରଣ ନହେଲେ ୩୧ ତାରିଖ ରେ ସମସ୍ତ ୧୦୮ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ।ଏହି ସଂଘର ଉପସଭାପତି ବିଶ୍ୱ କର୍ମ ଭୁଆଁ , କୋଷାଧ୍ୟକ୍ଷ ସୁଦିପ୍ତ ବିଶ୍ୱାଳ , ଚିତ୍ତରଞ୍ଜନ ଜେନା , ତ୍ରିଲୋଚନ ବେଜ, ଗୌରାଙ୍ଗ ଚରଣ ଗାନ୍ଧୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି 'ଧନତେରାସ୍': ହୁ ହୁ ...

ଗ୍ରାହକଙ୍କ କହିବା କଥା, ସୁନା ଗହଣା କିଣିବାକୁ ଯେତେ ଅପେକ୍ଷା କରୁଛୁ, ଦର ସେତେ ବଢ଼ି ବଢ଼ି ଯାଉଛି । ଏବେ ଅଫର ଚାଲିଛି, ତେଣୁ ଅଳ୍ପ ହେଉ ପଛେ କିଣି ନେଉଛୁ । ସେପଟେ ଯେଉଁମାନଙ୍କର ପରିବାରରେ ଆଗକୁ ବାହାଘର ଅଛି, ଇଚ୍ଛା ନ ଥିଲେ ବି ଏବେ ଅଫର ଥିବାରୁ କିଣି ନେଉଛନ୍ତି । ଗତବର୍ଷ ଧନତେରସ ସମୟରେ ବା ପରେ ବିବାହ ତିଥି ନ ଥିଲା । ହେଲେ ଏବର୍ଷ ଧନତେରସ ସରୁ ସରୁ ଆରମ୍ଭ ହେବ ବିବାହ ଋତୁ । ତେଣୁ ପୂର୍ବ ବର୍ଷ ତୁଳନାରେ ଭଲ ବେପାର ହେବ ବୋଲି ଆଶା ରଖିଛନ୍ତି ଗହଣା ବ୍ୟବସାୟୀ । ମିଳିଥିବା ସୂଚନା ଅନୁସାରେ, ଏବର୍ଷ କେବଳ ଧନତେରସ ପାଇଁ ହିଁ ରାଜ୍ୟର ସୁନା ଗହଣା ପ୍ରତିଷ୍ଠାନଗୁଡ଼ିକ ପାଖାପାଖି ୧୦ କ୍ୱିଣ୍ଟାଲରୁ ଅଧିକ ପରିମାଣର ନୂଆ ସୁନା ଗହଣା କିଣିଛନ୍ତି । ଆଶା ରଖିଛନ୍ତି, କେବଳ ଧନତେରସରେ ହିଁ ଅଢ଼େଇରୁ ୩ କ୍ୱିଣ୍ଟାଲ ସୁନା ଗହଣା ବିକ୍ରି ହେବ ।

### ଆଜିଠୁ ସାରା ଭାରତରେ ...

ସରୋଜିନୀ ନାୟକ । ବୟସ ୮୦ । କ୍ୟାନ୍ସରରେ ପୀଡ଼ିତ । ଚିକିତ୍ସା ଆଉ ଔଷଧ ବାବଦକୁ ପ୍ରବଳ ଟଙ୍କା ଖର୍ଚ୍ଚ କରିସାରିଲେଣି । ଏବେ ସରକାରୀ ସହୟତାକୁ ଅପେକ୍ଷା କରିଛନ୍ତି । କାଲିଠାରୁ ଆରମ୍ଭ ହେଉଥିବା ଆୟୁଷ୍ମାନ ଭାରତ-୨ ନେଇ ଖୁସି ଜାହିର କରୁଥିବା ବେଳେ ରାଜ୍ୟ ସରକାର ତୁରନ୍ତ ଏହାକୁ ଲାଗୁ କରିବାକୁ ଦାବି କରିଛନ୍ତି । ସେହିପରି ୭୫ ବର୍ଷୀୟ ବୃଦ୍ଧ ଚିତ୍ରକୋଣ୍ଡାର ରଘୁନାଥ ପ୍ରଧାନ । ୧୩ ବର୍ଷ ହେଲା ପକ୍ଷାଘାତରେ ଆକ୍ରାନ୍ତ । ନିୟମିତ ଚିକିତ୍ସା ଆଉ ମେଡିସିନ ଖାଉଛନ୍ତି । କିନ୍ତୁ ଆଉ ନିଜେ ଖର୍ଚ୍ଚ କରିବାର ସାମର୍ଥ୍ୟ ନାହିଁ । ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ଯୋଜନାକୁ କାର୍ଯ୍ୟକାରୀ କଲେ ସେ ତାର ସୁବିଧା ପାଇପାରିବେ ବୋଲି ଆଶା ରଖିଛନ୍ତି । ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଭିସି ଜରିଆରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ । ଆୟୁଷ୍ମାନ ଭାରତ ପାର୍ଟ-୨ ସହ ଖୋର୍ଦ୍ଧାରେ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ଲାଗି କେନ୍ଦ୍ରୀୟ ଅନୁସନ୍ଧାନ ପ୍ରତିଷ୍ଠାନର ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ । ଏହାସହ ଭୁବନେଶ୍ୱର ଗୋଠପାଟଣାରେ ସେଣ୍ଟ୍ରାଲ ଡ୍ରଗସ୍ ଟେଷ୍ଟିଂ ଲାବ୍ରୋଟାରୀ ଏବଂ ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ କ୍ରିଟିକାଲ୍ କେୟାର ସେଣ୍ଟରର ଶୁଭାରମ୍ଭ କରିବେ ।

### 'ମୋ' କଥାକୁ ହେୟଜ୍ଞାନ...

ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ଅନେକ ଦୁର୍ନୀତିଖୋର ଭିଜିଲାନ୍ସ ଜାଲରେ ପଡ଼ନ୍ତିନି । ତେଣୁ ସେଭଳି ଅଧିକାରୀଙ୍କ ନିଦ ହଜାଇ ଦେବାକୁ ହେବ । ପ୍ରତି ମୁହୂର୍ତ୍ତରେ ସେମାନଙ୍କ ମନରେ ଗିରଫଦାରୀ ଭୟ ବସା ବାନ୍ଧି ରହିବା ଉଚିତ । ଏପରିକି, ସେମାନେ ବାଥରୁମରେ ଥିବା ବେଳେ, ଘରେ ରହୁଥିବା ବେଳେ ଗିରଫଦାରୀର ଭୟ ଯେମିତି ଘାରିବ ସେଭଳି କାର୍ଯ୍ୟ ଭିଜିଲାନ୍ସ କରୁ ବୋଲି ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହ ସେ କହିଛନ୍ତି, ସଭ୍ୟ ଜଗତରେ ଦୁର୍ନୀତି ହେଉଛି କର୍କଟ ରୋଗ ସଦୃଶ । ତେଣୁ କର୍କଟ ରୋଗ ହୋଇଥିବା ଶରୀରର ଅଂଶକୁ କାଟି ବାହାର କରିଦେବା ପରି ଉକ୍ତ ଦୁର୍ନୀତିଖୋର ଅଫିସରଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇବା ପାଇଁ କାମ ଆରମ୍ଭ ହୋଇଛି । ଯେଉଁମାନେ ଦୁର୍ନୀତି କରିଛନ୍ତି କାହାକୁ ବି କୌଣସି ପରିସ୍ଥିତିରେ ଛଡ଼ାଯିବନି ବୋଲି ସୂଚାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

### ମଠ ମନ୍ଦିର ପାଇଁ 'ଦେବାଳୟ...

ଯେଉଁସବୁ ଦିଗ ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଛି ତାକୁ ଗୁରୁତ୍ୱ ଦିଆଯିବ । ମଠ-ମନ୍ଦିରଗୁଡ଼ିକୁ ଯେଭଳି ଧାର୍ମିକ କ୍ଷେତ୍ରରେ ଅଧିକ ସମ୍ମାନ ଦିଆଯାଇପାରିବ ସେନେଇ ଚର୍ଚ୍ଚା-ଆଲୋଚନା ଜାରି ରହିଛି । ସରକାର ଏବେ ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରୁଛନ୍ତି । ପୂର୍ବ ସରକାରରେ ଅବଢ଼ା ଯୋଜନାରେ କେବଳ ମରାମତି କଥା ରହିଥିଲା । କିନ୍ତୁ ଏହି ନୂଆ ଯୋଜନାରେ ଅନେକ କଥା ରହିଛି । ନୂଆ ଯୋଜନାରେ ପ୍ରାଥମିକ ଭାବେ ମରାମତି, ରକ୍ଷଣାବେକ୍ଷଣ, ପରିଚାଳନା ଓ ଅନ୍ୟାନ୍ୟ ସମସ୍ୟା କଥା ରହିଛି । ଯାହାର ସମାଧାନ କରାଯିବ । ନିର୍ଦ୍ଦିଷ୍ଟ ରୂପରେଖ ଖୁବଶୀଘ୍ର ସ୍ପଷ୍ଟ ହେବ ।

### ଖୁବ୍ ଶୀଘ୍ର ମିଳିବ...

କେତେ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଯିବ ତାହା ସ୍ପଷ୍ଟ ହୋଇ ପାରିନି । ରାଜ୍ୟର ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଉଦ୍ଦେଶ୍ୟରେ 'ସୁଭଦ୍ରା'ର ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇ ସାରିଛନ୍ତି । ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ରାସନକାର୍ଡ (ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା) ଡାଟାବେସରେ ନିଶ୍ଚିତ ନାମ ଥିବାର ମାନଦଣ୍ଡକୁ ହଟାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସୁଭଦ୍ରା ଯୋଜନାରେ ମୋଟ ୧ କୋଟି ୨ ଲକ୍ଷ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯାଇସାରିଛି । ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଯାଇଥିଲା । ଏହି ଖାରଜ ହୋଇଥିବା ଆବେଦନର ପରୀକ୍ଷାନିରୀକ୍ଷା କରାଯିବ । ସେଥିପାଇଁ ସୁଭଦ୍ରା ଯୋଜନାର ଗାଇଡଲାଇନରେ ସଂଶୋଧନ କରାଯାଉଥିବା କହିଥିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ...

ସହ ନିଆଯିବା ଆବଶ୍ୟକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଓ ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା ପାଇଁ ସହଯୋଗ ମୂଳକ ପଦକ୍ଷେପ ନେବା ଲାଗି ପ୍ରତିବଦ୍ଧତା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଓ ବିପଦ ସମୟରେ ମହିଳାଙ୍କ ବିରୋଧରେ କୌଣସି ପ୍ରକାର ହିଂସା ପାଇଁ ଜିରୋ ଟଲେରାନ୍ସ ନୀତିକୁ ଆପଣେଇବା ପାଇଁ ଶ୍ରୀ ପୂଜାରୀ ଉପସ୍ଥିତ ପ୍ରଶାସନିକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ସରକାର ବହୁପାକ୍ଷିକ ସାମୁଦାୟିକ ରିଲିଫ୍ କେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ । ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ନେତା, ପିଆରଆଇ ସଦସ୍ୟଙ୍କ ମିଳିତ ଉଦ୍ୟମକୁ ମାନ୍ୟବର ସାଂସଦ ପ୍ରଶଂସା କରିଥିଲେ । ସମସ୍ତ ବନ୍ୟା ପ୍ରଭାବିତଙ୍କୁ ଯଥାଶୀଘ୍ର ପଲିଥିନ ଯୋଗାଇ ଦେବା ପାଇଁ ମାନ୍ୟବର ସାଂସଦ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ, ସିମୁଳିଆ ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟିକା ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ ସୋର ଶ୍ରୀ ମାଧବ ଧଡ଼ା, ମାନ୍ୟବର ବିଧାୟକ ଭୋଗରାଇ ଶ୍ରୀ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ ।ଏଥିସହିତ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂ, ଆରକ୍ଷୀ ମହା ନିର୍ଦ୍ଦେଶକ ଶ୍ରୀ୍ୱାଇ. ବି. ଖୁରାନିଆ, ଉପ-ମହାନିରୀକ୍ଷକ (ପୂର୍ବାଞ୍ଚଳ ଜୋନ) ଡ଼. ସତ୍ୟଜିତ ନାୟକ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରସାଦ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ପିଏଚ୍ଇ ନିର୍ଦ୍ଦେଶକ ଶ୍ରୀ ସୁବୋଧ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ବିକାଶ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

### ସେନା ଗାଡ଼ିକୁ ଗୁଳିମାଡ଼ର...

ବାହିନୀ ତୁରନ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ତଲାସୀ ଆରମ୍ଭ କରିଥିଲେ । ଏହି ସମୟରେ ଆତଙ୍କବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଏଥିରେ ପ୍ରଥମେ ଜଣେ ଆତଙ୍କବାଦୀ ନିପାତ ହୋଇଥିବା ସୂଚନା ମିଳିଥିଲା । ପରବର୍ତ୍ତୀ ସମୟରେ ସେନା ଅଧିକାରୀଙ୍କ ପକ୍ଷରୁ ତିନି ଜଣ ନିପାତ ହୋଇଥିବା ସ୍ପଷ୍ଟ କରାଯାଇଛି । ଦୀପାବଳି ପାଇଁ ଜମ୍ମୁ-କଶ୍ମୀରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାରୁ ଏପରି ହମଲା କରିଛନ୍ତି ଆତଙ୍କବାଦୀ । ଗତ ସପ୍ତାହ ମଧ୍ୟରେ ସୀମାରେ ଆତଙ୍କୀ ହମଲା ବଢି ଯାଇଛି । ବିଶେଷ କରି ସାଧାରଣ ନାଗରିକଙ୍କୁ ଟାର୍ଗେଟ କରୁଛନ୍ତି ଆତଙ୍କବାଦୀ । ସପ୍ତାହେ ମଧ୍ୟରେ ଦୁଇ ଜଣ ଯବାନ ଶହୀଦ ହୋଇ ଥିବାବେଳେ ୧୨ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଲାଣି ।

## ପାରାଦୀପ ରିଫାଇନାରୀ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ



ପାରାଦୀପ, ୨୮/୧୦ (ନି.ପ୍ର): ପାରାଦୀପ ରିଫାଇନାରୀ ପକ୍ଷରୁ ସୋମବାର ଦିନ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ପାରାଦୀପ ରିଫାଇନାରୀ ପ୍ରମୁଖ କୌଶିକ ବସୁ କର୍ମଚାରୀମାନଙ୍କୁ ନିଜ ଜୀବନରେ ସଚ୍ଚୋଟତା ଏବଂ ସତ୍ୟନିଷ୍ଠା ଜାଗ୍ରତ କରିବାକୁ ଅନୁରୋଧ କରିଥିଲେ । ଏକ ଫଳପ୍ରଦ କାର୍ଯ୍ୟକ୍ଷେତ୍ର ପରିବେଶ ସୃଷ୍ଟି ପାଇଁ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛ ପ୍ରଣାଳୀ ଏବଂ ପାରସ୍ପରିକ ବିଶ୍ୱାସ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସତର୍କତା ସଚେତନତା ସପ୍ତାହର ପୋଷ୍ଟର ଗୁଡିକ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌଶିକ ବସୁ ଉନ୍ମୋଚନ କରିଥିଲେ । ସପ୍ତାହ ବ୍ୟାପୀ ଉତ୍ସବ ସମୟରେ ସତ୍ୟନିଷ୍ଠାର ସଂସ୍କୃତିରେ ରାଷ୍ଟ୍ରର ସମୃଦ୍ଧିର ବାର୍ତ୍ତା ପ୍ରଚାର କରିବା ପାଇଁ ପଥପ୍ରାନ୍ତ ନାଟକ, ଓାକାଥନ୍, ବିଜିନେସ୍ ଆସୋସିଏଟ୍ସ ମିଟ୍, ଚିତ୍ରକଳା ଏବଂ ସ୍ଲୋଗାନ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇ ସଚେତନତା କରିବା ପାଇଁ ଯୋଜନା ରହିଥିବା ପ୍ରେସ୍ ଇସ୍ତାହାରରୁ ଜଣାପଡିଛି ।ତେବେ ଏନେଇ ଏକ ସଚେତନତା ରଥ ଭ୍ରମଣ କରିଥିଲା ।

ଧ୍ୱନି ପ୍ରତିଧ୍ୱନି

# ଦୁର୍ନୀତି ମୁକ୍ତ ଭାରତ ସ୍ୱପ୍ନ ନା ବାସ୍ତବତା

ବାରିପଦା, ୨୮/୧୦ (ନି.ପ୍ର): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଦୁର୍ନୀତି ମୁକ୍ତ ସପ୍ତାହ ପାଳିତ ହୋଇଯାଇଛି । ପୂର୍ବାହ୍ନ ରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ଙ୍କ ଅଧ୍ୟକ୍ଷତା ରେ ଦୁର୍ନୀତି ମୁକ୍ତ ଭାରତ ପାଇ ସାମୁହିକ ଶପଥ ପାଠ କରାଯାଇଥିଲା । ଏହି ଉପଲକ୍ଷେ ସହକାରୀ ପ୍ରଫେସର ଖିରୋଦ କୁମାର ଚୌଧୁରୀ ଙ୍କ ତତ୍ୱାବଧାନ ରେ, 'ଦୁର୍ନୀତି ମୁକ୍ତ ଭାରତ, ସ୍ୱପ୍ନ ନା ବାସ୍ତବତା' ଶୀର୍ଷକ ରେ ଏକ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ବିଚାରକ ଭାବେ ଡକ୍ଟର ସରୋଜ ନାୟକ ଓ ଡକ୍ଟର ତ୍ରିନାଥ ମଲ୍ଲିକ, ଉମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ । ଗୁରୁ ଶିକ୍ଷକ ସୌମ୍ୟରଂଜନ ଆଚାର୍ଯ୍ୟ ଏହି ପ୍ରତିଯୋଗିତା ରେ ପ୍ରଥମ ହୋଇଥିବା ବେଳେ ପ୍ରୀତିଲତା ସାଥୁଆ ଦ୍ୱିତୀୟ ଓ ସନ୍ତୋଷ କୁମାର ସାହୁ ତୃତୀୟ ସ୍ଥାନ ଅଧୀକର କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ ସନ୍ଦୀପ ସିଂ, ସରୋଜ ଦାସ, ରାଜକିଶୋର ରାଉଳ, ନବୀନ ନାଏକ,କେ ଲକ୍ଷ୍ମୀ ସେନାପତି ଓ ଅଧାପକ ଧ୍ରୁବଚରଣ ମଲ୍ଲିକ ସହଯୋଗ କରିଥିଲେ।



# ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ



ପାରାଦୀପ, ୨୮/୧୦ (ନି.ପ୍ର): କେନ୍ଦ୍ରୀୟ ସତର୍କତା ଅଧିକାରୀଙ୍କ ସୂଚନାନୁସାରେ ପାରାଦୀପ ବନ୍ଦର ପକ୍ଷରୁ ଅକ୍ଟୋବର ମାସ ୨୮ ତାରିଖରୁ ନଭେମ୍ବର ମାସ ୩ ତାରିଖ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳିତ ହେବାକୁ ଯାଉଅଛି । ଚଳିତ ବର୍ଷ ସତ୍ୟନିଷ୍ଠାର ସଂସ୍କୃତିରେ ରାଷ୍ଟ୍ରର ସମୃଦ୍ଧିର ଶୀର୍ଷକ ରହିଛି । ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ବନ୍ଦର ପ୍ରଶାସନିକ ଭବନ ପରିସରରେ ବନ୍ଦର କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଶ୍ରୀ ହରନାଦ ନିଜ ଜୀବନରେ ସଚ୍ଚୋଟତା ଏବଂ ସତ୍ୟନିଷ୍ଠା ଜାଗ୍ରତ କରିବାକୁ କର୍ମଚାରୀମାନଙ୍କୁ ନିବେଦନ କରିଥିଲେ । ରାଷ୍ଟ୍ରର ଅର୍ଥନୈତିକ ବିକାଶ ନିମନ୍ତେ ସଚ୍ଚୋଟତା ଏବଂ ସତ୍ୟନିଷ୍ଠତା ବଜାୟ ରଖିବା ଜରୁରୀ ଅଟେ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କାନମାସ ପକ୍ଷରୁ ଯମ ଦରବାର ଶୀର୍ଷକ କ୍ଷୁଦ୍ର ନାଟକ ପରିବେଶିତ ହୋଇଥିଲା । ସପ୍ତାହ ବ୍ୟାପୀ ଉତ୍ସବ ପାଳନ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇ ସଚେତନତା କରିବା ପାଇଁ ଯୋଜନା ରହିଥିବା ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ଜଣାପଡିଛି ।

# ଖୋର୍ଦ୍ଧାରେ ଚୋରା ଗୋରୁ ଚାଲାଣ ଗାଡ଼ି ଜବତ

ଖୋର୍ଦ୍ଧା , ୨୮/୧୦ (ନି.ପ୍ର): ଖୋର୍ଦ୍ଧା ପୋଲିସ ଏସ,ଡି,ପି ,ଓ 'ଅଫିସି ନିକଟ ଖୋର୍ଦ୍ଧା ଡାକ୍ତରଖାନାକୁ ଯିବା ରାସ୍ତା କଡରେ ଥିବା ଏକ ଦୋକାନ ପାଖେ କିଛି ଲୋକ ଠିଆ ହୋଇ ଥିବା ବେଳେ ନୟାଗଡ ଜିଲ୍ଲା ପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ 0d -o4-an-୩୨୧୧ ନମ୍ବର ବିଶିଷ୍ଟ ଗାଡିରେ ଛବିସି ଟି ଗୋରୁ ଅତି କଦର୍ଯ୍ୟ ଭାବେ ବନ୍ଧା ହୋଇ କଲିକତା ଅଭିମୁଖେ ଯାଉଥିଲା। ଗାଡିଟି ଭାର ସମ୍ୟ ହରାଇ ଲୋକଙ୍କୁ ସାଇଡ ମାରି ଅଟକି ଯାଇଥିଲା ।ଏହା ଦେଖି ଲୋକେମାନେ ଖୋର୍ଦ୍ଧା ପୋଲିସ କୁ ଖବର ଦେଇ ଥିଲେ। ଖୋର୍ଦ୍ଧା ଥାନା ପୋଲିସ ଅଧିକାରୀ ଆସି ଗୋରୁ ଗାଡି ସହ ଚାଳକ ଭଦ୍ରକ ପୁରୁଣା ବଜାର ମୁସଲିମ ସାହି ର ସେକ୍' ସାଜିଉଦ୍ଦିନ ନାମକ ଯୁବକ ଗିରଫ କରି ଥିଲେ। ତା ଠାରୁ ସମସ୍ତ ଖବର ସଂଗ୍ରହ କରାଯାଇଛି। ଗୋରୁ ମାନଙ୍କ ଅବସ୍ଥା ଭଲ ନ ଥିଲା। ଖୋର୍ଦ୍ଧା ପୋଲିସ ଗୋରୁ ମାନଙ୍କୁ ନିକଟରେ ଥିବା ଗୋଶାଳାକୁ ପଠାଇବା ଶୁଣାଯାଏ। ପ୍ରକାଶ ଥାଉ ନୟାଗଡ଼ ରୁ ଆସିବା ବେଳେ ବାଟରେ ବହୁ ଥାନା ଦେଇ ଆସିଛି। ଖୋର୍ଦ୍ଧାପୋଲିସ ଜିଲ୍ଲା ବୋଲଗୋଡ଼ 'ବେଗୁନିଆ ,ବାଘମାରି ଆଦି ଥାନା ଦେଇ ଗୋରୁ ବୋଝେଇ ଟ୍ରକ ଆସିଲା ।ମାତ୍ର କେଉଁ ଥାନା ତାର ସୁରାକ ପାଇଲେ ନାହିଁ। ସାଧାରଣ ଜନତାଙ୍କ ମନ ପୋଲିସ ପ୍ରତି ସନ୍ଦେହ ସୃଷ୍ଟି କରୁଛି।

# ବେଆଇନ ବାଣ ତିଆରିର ଏନ୍ତୁଡିଶାଳ ପାଲଟିଛି ବାଲିକୁଟି



ବାଲିଆପାଳ/ଲଙ୍ଗଳେଶ୍ୱର , ୨୮/୧୦ (ନି.ପ୍ର): ସରକାରଙ୍କ ପକ୍ଷରୁ ବାଣ ବିସ୍ଫୋରଣ ଉପରେ କଟକଣା ଥିଲେ ମଧ ମାନୁ ନାହାନ୍ତି ବ୍ୟବସାୟୀ, ଗ୍ରାହକ କି ଅନୁଷ୍ଠାନର କର୍ମ କର୍ତ୍ତା ମାନେ। ଯାହାକି ଦେଖିବାକୁ ମିଳିଥିଲା ବିଗତ ଦିନରେ ରାବଣ ପୋଡି ରେ । ଶହଶହ ଅନୁଷ୍ଠାନ ରେ ରାବଣ ପୋଡି ରେ ବାଣ ବିସ୍ଫୋରଣ କରି ମଜା ନେଇଥିଲେ ଲୋକେ। ବାୟୁ ପ୍ରଦ୍ୟୁଷଣ କି ଜନଜୀବନ ଉପରେ ସରକାର ଙ୍କ ନିୟମ ପ୍ରଣୟନ କେବଳ ନାମକୁ ମାତ୍ର। ଆଗକୁ ଆସୁଛି ଦିପାବଳୀ ବାଣ ତିଆରି କରିବାରେ ଲାଗିପଡିଛନ୍ତି ବ୍ୟବସାୟୀଙ୍କ ସହିତ ପରିବାର ବର୍ଗ ଓ ସାଇପଡିଶା ର ଲୋକମାନେ। ଅସାବଧାନତା ପାଇଁ ବଡ଼ବଡ଼ ଅଘଟଣ ଘଟିଯାଇ ଧନଜୀବନ ନଷ୍ଟ ହୋଇଯାଏ ବାଲିଆପାଳ ବ୍ଲକର ବାଲିକୁଟି ପଞ୍ଚାୟତର ଛଡ଼ା ଗାଁ ରେ ଚାଲିଛି ରିତମତ ବାଣ ତିଆରି ହେଉଛି ମାତ୍ର ପୋଲିସ ସବୁ ଜାଣି ମଧ ଚୁପ୍ ରହିଛି। ସୁଚନା ରୁ ପ୍ରକାଶ କିଛି ବର୍ଷ ତଳେ ବାଲିକୁଟି ଗ୍ରାମରେ ବାଣ ବିସ୍ଫୋରଣରେ ଜଣେ ୬୦ ବର୍ଷ ର ବୃଦ୍ଧ ଓ ୩ ବର୍ଷ ର ଜଣେ ବାଳକ ର ମୃତ୍ୟୁ ହେବା ସହିତ ବଡାଶ ଗ୍ରାମ ର ଜଣେ ଯୁବକ ଙ୍କର ହାତ ପୋଡି ଯାଇଥିଲା ।ଏହି ବେଆଇନ ବାଣ ତିଆରି ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ଗଳିତ ଶବ ଉଦ୍ଧାର

ଜଳେଶ୍ୱର , ୨୮/୧୦ (ନି.ପ୍ର): ଜଳେଶ୍ୱର ବ୍ଲକ୍ କାଳିକ ପଞ୍ଚାୟତ ର ୮ ନୋ ୱାର୍ଡ ର ଗହିରାବନ୍ଧ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ଆଜି ସକାଳ ୮ ଘଟିକା ଏ ସମୟ ରେ କିଛି ଲୋକେ ଏକ ଘରେ ପରିତ୍ୟକ୍ତ ଗଳିତ ଶବ ନିଜ ଘରେ ଏକ ପରିତତ୍ୟ ଅବସ୍ଥାରେ ଥିବା ପାଇଖାନା ଟାଙ୍କିରେ ଦେଖିବା ପାଇଁ ପାଇଥିଲେ। ଯାହା ପଚି ସାରା ପରିବେଶ ଦୁର୍ଗନ୍ଧ ହୋଇଯାଇଥିଲା ଉକ୍ତ ଯୁବକ ନାମ ହେଉଛି ପ୍ରଶାନ୍ତ ପାତ୍ର (୫୮) ବାପା ରାଜେନ୍ଦ୍ର ପାତ୍ର। ତାଙ୍କର ପତ୍ନୀ କିଛି ବର୍ଷ ପୂର୍ବେ ମୃତୁ ବରଣ କରିବା ସହିତ ତାଙ୍କର ଦୁଇଜଣ ପିଲା ମଧ ରହିଛନ୍ତି। ପୁଅ ହାଇଦ୍ରାବାଦରେ ଏକ କମ୍ପାନୀରେ କାମ କରନ୍ତି ଓ ଝିଅ ବାଲେଶ୍ୱରରେ ଏକ କମ୍ପାନୀରେ କାମ କରୁଛନ୍ତି ।ଏ ନେଇ ସ୍ଥାନୀୟ ଲୋକ ଶବ କୁ ଦେଖି ପହଞ୍ଚି ପୋଲିସ କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବ କୁ ଉଦ୍ଧାର କରି ୧୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜଳେଶ୍ୱର ର ଜିକେ ଭଟ୍ଟର ହସ୍ପିଟାଲ କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଓଡ଼ିଶାର ବରପୁତ୍ରଙ୍କ ପ୍ରତି ନୀଳଗିରି ପ୍ରଶାସନର ଅବହେଳା: ସମ୍ମାନ ପରିବର୍ତ୍ତେ ଅସମ୍ମାନକୁ ନେଇ ଅସନ୍ତୁଷ୍ଟ ବୁଦ୍ଧିଜୀବି



ନୀଳଗିରି, ୨୮/୧୦ (ନି.ପ୍ର): ଓଡ଼ିଶା ପ୍ରତି ଯେଉଁ କେତେଜଣ ମହାମନିଷୀ ସେମାନଙ୍କର ତ୍ୟାଗ ଓ ବଳିଦାନ ଛାଡ଼ିଯାଇଛନ୍ତି ସେମାନଙ୍କ ପ୍ରତି ନୀଳଗିରି ପ୍ରଶାସନ କେତେ ସମ୍ମାନ ଦେଉଛି ତାହା ଆଖିରେ ନଦେଖିଲେ ବର୍ଣ୍ଣନା କରିହେବ ନାହିଁ। ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପାଚେରୀରେ ମହାମନିଷୀ ମାନଙ୍କ ତୈଳଚିତ୍ର ଅଙ୍କନ କରାଯାଇଥିବା ବେଳେ ତାର ରକ୍ଷାଣବେକ୍ଷଣ ପ୍ରତି ଯତ୍ନବାନ ନହେବା, ସେଗୁଡ଼ିକୁ ଅବହେଳିତ ଭାବି ଅସମ୍ମାନ କରିବା ଫଳରେ ଉତ୍କଳ ଜାତିକୁ ସିଧାସଳଖ ଭାବେ ଅସମ୍ମାନ ବୋଲି କୁହାଯାଉଛି । ଯେଉଁ ଜାତିର ସ୍ୱାଭିମାନକୁ ବଞ୍ଚାଇ ରଖିବାକୁ ନିଜକୁ ବଳିଦାନ ଦେଇ ଆମ୍ଭ ମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବାର ରାସ୍ତା ଦେଖାଇଛନ୍ତି ସେଭଳି ମହାପୁରୁଷ ମାନଙ୍କ ପ୍ରତି ଉପଜିଲ୍ଲାପାଳଙ୍କ ବୈମାତୃକ ମନୋଭାବ ତାଙ୍କ ଆଚରଣ ଓ ଉଚ୍ଚାରଣ ଏ ଜାତିପ୍ରତି କେତେ ଆନ୍ତରିକତା ସ୍ପଷ୍ଟ ବାରି ହୋଇପଡୁଛି ।ଉପଜିଲ୍ଲାପାଳଙ୍କ ଗେଟ୍ ସମ୍ମୁଖରେ ଥିବା ପାଚେରୀରେ ଅଙ୍କାଯାଇଥିବା ମହାପୁରୁଷ ଚିତ୍ର ଗୁଡିକ ଉପରକୁ କୁକୁର ପରିସ୍ରା କରିବା, ମଣିଷ ପରିସ୍ରା କରିବା ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ତଳେ ଥିବା ଘାସଲତା ସବୁ ମହାପୁରୁଷ ମାନଙ୍କ ଉପରକୁ ମାଡି ଯାଇଥିବାର ଦେଖିବାକୁ ମିଳିଛି। ସେହି ରାସ୍ତାଦେଇ ଉପଜିଲ୍ଲାପାଳ ଦୈନନ୍ଦିନ ଯିବା ଆସିବା କରୁଥିବା ବେଳେ ଅବହେଳିତ ହୋଇ ପଡ଼ିଥିବା ମହାପୁରୁଷ ମାନଙ୍କ ଫୋଟ ଚିତ୍ର ଉପରେ କେମିତି ନଜର ପଡୁନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗରିମା, ବଡିମା, ଅହଙ୍କାରଙ୍କୁ ଛାଡ଼ି ଆପାତତଃ ଆମ ଜାତି ପାଇଁ ପ୍ରତିଟି ରକ୍ତବିନ୍ଦୁ ଅଜାଡ଼ି ଦେଇଥିବା ମହାପୁରୁଷ ମାନଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉପଜିଲ୍ଲାପାଳଙ୍କ କର୍ତ୍ତବ୍ୟ ନୁହେଁ କି ? ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ରାଜ୍ୟସରକାର ମଧ ଓଡିଆ ଅସ୍ମିତା ପ୍ରତି ଯଥେଷ୍ଟ ସମ୍ମାନ ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜିବୀ ମହଲରୁ ଚର୍ଚ୍ଚା ହେଉଛି।

# ଅପହଞ୍ଚ ଅଞ୍ଚଳକୁ ଟ୍ୟାଙ୍କରରେ ପାଣି ଯୋଗାଣ



ଖଇରା, ୨୮/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ବାତ୍ୟା ଦାନା ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ୧୩୫ କେନ୍ଦ୍ରରେ ପାଖାପାଖି ୧୬ହଜାର ବିପନ୍ନ ଆଶ୍ରୟ ନେଇଥିଲେ । ସେହିଭଳି ବହୁଗାଁ ଲୋକ ପ୍ରବଳ ଝଡତୋଫାନରେ ନଳକୂପ ଓ ଜଳପ୍ରକଳ୍ପ କୁ ପାଣି ଆଣିବାକୁ ଯାଇପାରିନଥିଲେ । ବ୍ଲକ ପାନୀୟଜଳ ଓ ପରିମଳ ବିଭାଗ ଏଭଳି ପରିସ୍ଥିତିରେ ପିଇବା ପାଣିର ଆବଶ୍ୟକତା ଥିବା ଗାଁ ଓ୬୦ଆଶ୍ରୟସ୍ଥଳକୁ ପାଣି ଯୋଗାଇ ନିଜ କର୍ତ୍ତବ୍ୟନିଷ୍ଠତାର ପ୍ରମାଣ ଦେଇଛି ଖଇରା ବ୍ଲକ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ । ନିର୍ବାହୀ ଯନ୍ତ୍ରୀ ସମୀର ଦେ ଓ ବିଡିଓ ଅନନ୍ତ କୁମାର ହାଁସଦାଙ୍କ ନିର୍ଦ୍ଦେଶ କ୍ରମେ କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ଦାସ ନିଜ ଟିମସହ ବିଭିନ୍ନ ଗାଁ ତଥା ବାତ୍ୟା ଅଶ୍ରୟସ୍ଥଳକୁ ଯାଇ ଟ୍ୟାଙ୍କରରେ ପାଣି ଯୋଗାଇବାକୁ ସମର୍ଥ ହୋଇଛନ୍ତି। ବିଶେଷକରି ଜଳକ୍ଲିଷ୍ଟ ଆଦିବାସୀ ଅଧ୍ୟୁଷିତ ବାଉଁଶଗଡିଆ, କଇଥଗଡିଆ, ଗଡପୋଖରୀ, ବନ୍ୟା ପ୍ଲାବିତ ମାଖନପୁର,ଜଳବନ୍ଦୀ ଗ୍ରାମ ଶ୍ରୀରାମପୁର,ବଡଜୟୀପୁର ଇତ୍ୟାଦି ଗ୍ରାମକୁ ଠିକ ସମୟରେ ଟ୍ୟାଙ୍କର ଓ ଆବଶ୍ୟକସ୍ଥଳେ ପାଣିବୋତଲ ପହଞ୍ଚାଇ ଲୋକଙ୍କ ପିଇବା ପାଣି ଆବଶ୍ୟକତାକୁ ପୁରଣ କରିଛନ୍ତି । ଏଥିପାଇଁ ଗ୍ରାମବାସୀମାନେ ସମୟୋଚିତ ପଦକ୍ଷେପ ପାଇଁ ବିଭାଗକୁ ସାଧୁବାଦ ଜଣାଇଛନ୍ତି

# ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦର ତୃତୀୟ ବୈଠକ ଅନୁଷ୍ଠିତ



ବାଲିଆପାଳ , ୨୮/୧୦ (ନି.ପ୍ର): ବାଲିଆପାଳର ବରପୁତ୍ର, ଜଳେଶ୍ୱରର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ବାଲିଆପାଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ବରିଷ୍ଠ ସାମ୍ବାଦିକମାନଙ୍କୁ ନେଇ' ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ' ଗଠନ କରାଯାଇଛି । ଏନେଇ ଶୁଭମ ଗେଷ୍ଟ ହାଉସ୍ ପରିସରରେ ସୋମବାର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆସନ୍ତା ନଭେମ୍ବର ୩ ତାରିଖ ଦିନ ଅପରାହ୍ନରେ ପରିଷଦ ପକ୍ଷରୁ ହେବାକୁ ଥିବା ୪ର୍ଥ ବୈଠକ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାକୁ କେମିତି ବ୍ୟାପକ ରୂପେ କରାଯିବ ସେନେଇ ମଧ ଆଲୋଚନା ହୋଇଛି ।ସ୍ୱର୍ଗତ ମହାନ୍ତିଙ୍କ ବାଲ୍ୟବନ୍ଧୁ ପ୍ରାକ୍ତନ ଅଧ୍ୟକ୍ଷ ହୃଦୟରଞ୍ଜନ ତ୍ରିପାଠୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ବ୍ରଜ କିଶୋର ଭୂୟାଁ, ପ୍ରଫୁଲ୍ଲ କୁମାର ସାହୁ,ଇଂ ସୁଶାନ୍ତ ଚକ୍ରବର୍ତ୍ତୀ , ଡ. ସୁଶାନ୍ତ କୁମାର ଦାସ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ଅମରେନ୍ଦ୍ର ପାତ୍ର ,ଜଗନ୍ନାଥ ବାରିକ, ସୁଶାନ୍ତ କୁମାର ରଣା, ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କ ପୁଅ ସତ୍ୟକାମ ମହାନ୍ତି ଓ ଦିବ୍ୟକାମ ମହାନ୍ତି ଆସନ୍ତା ଜାନୁଆରୀ ୯ ତାରିଖ ଦିନ ସ୍ୱର୍ଗତ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ନେଇ ସୂଚନା ଦେଇ ଥିଲେ। ସେହିପରି ୧୦ ତାରିଖ ଦିନ ବ୍ଲକ୍ ଛକ ଇନ୍ଦିରା ପାର୍କରେ ସ୍ୱର୍ଗତ ମହାନ୍ତିଙ୍କର ଏକ ପୂର୍ଣ୍ଣାବୟାବର ପ୍ରତିମୂର୍ତ୍ତି ସ୍ଥାପନ ଏବଂ ସ୍ମରଣିକା ପ୍ରକାଶନ ନେଇ କମିଟିର ସଦସ୍ୟମାନେ ମଧ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି।

# 'ଦାନା' ବାତ୍ୟାରେ ଏକ ଘର ଭାଙ୍ଗି ମାଟିରେ ମିଶିଲା

 କପ୍ତିପଦା, ୨୮/୧୦ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଜଡିଦା ଗ୍ରାମ ପଞ୍ଚାୟତରେ ଦାନା ବାତ୍ୟା ତଥା ପ୍ରବଳ ଲଘୁଚାପଜନିତ ବର୍ଷାରେ ଏକ ମାଟିଘର ସଂପୂର୍ଣ୍ଣ ଭାଙ୍ଗିଯାଇ ମାଟିରେ ମିଶିଯାଇଛି। ଖବରରୁ ପ୍ରକାଶ ପ୍ରବଳ ବର୍ଷା ଯୋଗୁଁ ଉକ୍ତ ପଞ୍ଚାୟତର ଲକ୍ଷ୍ମୀଧର ସାହୁଙ୍କ ଘରର ଚାରିପଟ କାନ୍ଥ ଭାଙ୍ଗିଯାଇ ତଳଏ ପଡିଯାଇଛି। ଶ୍ରୀ ସାହୁଙ୍କର ଘରଟି ଏକ ବଖରାଯୁକ୍ତ ହୋଇଥିବାରୁ ତାହା ନଷ୍ଟ ହୋଇଯିବା ଫଳରେ ଶ୍ରୀ ସାହୁଙ୍କ ପରୋବାର ଠିକ୍ ଭାବେ ରୋଷେଇ କରି ପାରୁନଥିବା ସ୍ଥଳେ ଶୋଇବା ପାଇଁ ପରପିଣ୍ଡାରେ ଆଶ୍ରୟ ନେଇଛନ୍ତି । ଶ୍ରୀ ସାହୁ ଜଣେ ବିପିଏଲ୍ ଶ୍ରେଣୀଭୁକ୍ତ ପରିବାର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପଞ୍ଚାୟତବାସୀ ଦାବୀ କରିଛନ୍ତି ।



# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଶୁଭାରମ୍ଭ ଓ ଜିଲ୍ଲାସ୍ତରୀୟ ଶପଥପାଠ କାର୍ଯ୍ୟକ୍ରମ



ଭଦ୍ରକ, ୨୮/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ରାଜ୍ୟସ୍ତରର ଏହି କାର୍ଯ୍ୟକ୍ରମ ସହିତ ଆଭାସି ଜରିଆରେ ଯୋଡ଼ି ହୋଇ ଓସ୍ୱାନ୍ ପ୍ଲାଟଫର୍ମରେ ଜିଲ୍ଲାପାଳ ଦିଲୀପ୍ ରାଉତ ରାଏ, ଏସ୍.ପି. ମାଡ଼କର ସନ୍ଦୀପ ସମ୍ପତ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦଉ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ସମସ୍ତ ଡ଼େପୁଟୀ କଲେକ୍ଟର ଓ ଅନ୍ୟ ଅଧିକାରୀମାନେ ଶପଥ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ସଦ୍‌ଭାବନା ସଭାଗୃହରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହିତ ଶପଥ ପାଠକୁ ଜୀବନାଦର୍ଶରେ ଅନୁସରଣ କରିବା ନେଇ ଆମ ସମସ୍ତଙ୍କର ନିଷ୍ଠା ଓ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଜିଲ୍ଲାପାଳ ନିଜ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ। ଶପଥ ପତ୍ର ପାଠ କରି ସମସ୍ତଙ୍କୁ ଶପଥ କରାଇଥିଲେ । କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଏସ୍.ପି., ଉପଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସାଗରିକା ସାହୁ, ପ୍ରମିଳା ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଓ୍ୱସ୍ୱାନ୍ ପ୍ଲାଟଫର୍ମରେ ଓ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ମାନଙ୍କରେ ଏହି ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୂଚନାଯୋଗ୍ୟକି ଏହି ସପ୍ତାହ ପାଳନ ଉପଲକ୍ଷେ ବ୍ଲକ୍ ଓ ଜିଲ୍ଲାସ୍ତରରେ ଓଡ଼ିଆ ଭାଷାରେ "ସତ୍ୟ-ନିଷ୍ଠା ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ମୂଳଭିତ୍ତି" ବିଷୟରେ ବକ୍ତୃତା ଓ ଦୁର୍ନୀତି ନିବାରଣ ସଚେତନତା ନେଇ ବ୍ୟଙ୍ଗାତ୍ମକ ଚିତ୍ରାଙ୍କନ କାର୍ଯ୍ୟକ୍ରମ ବ୍ଲକ୍ ଓ ଜିଲ୍ଲାସ୍ତରରେ ଅନୁଷ୍ଠିତ ହେବ । ଏହି ସଚେତନତା ଉଦ୍ଦେଶ୍ୟରେ ନଭେମ୍ବର ୨ ରେ ଏକ ପଦଯାତ୍ରା କାର୍ଯ୍ୟକ୍ରମ ଓ ଶେଷରେ ଉଦ୍‌ଯାପନୀ ଉତ୍ସବରେ ସଚେତନତା ମୂଳକ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରକାଶଥାଉକି ଭଦ୍ରକ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର କାର୍ଯ୍ୟରତ ଡ଼ି.ଏସ୍.ପି. ଦୁଷ୍ମନ୍ତ କୁମାର ନାୟକଙ୍କୁ ସର୍ବୋତ୍ତମ ତଦନ୍ତ ଅଧିକାରୀ ରୂପେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ଉଦ୍‌ଘାଟନୀ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo